

୧୯/୨/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୯୦,୯୫୭/- ସୁନା: ୦୦.୬୮୦ ଗ୍ରାମ୍ ରୁପା: ୦୨.୪୦୦ ଗ୍ରାମ୍



# ରାତିରେ ୩ ଗାଡ଼ି ଜାଳିଦେଲେ ଦୁର୍ବୃତ୍ତ

ପୁରୀ,୧୯।୨(ସମିସ)



ପେଣ୍ଠକଟା ଥାନା ଅନ୍ତର୍ଗତ ବାଲିଗୁଆଳି ବାଲିପାଟଣାରେ କେହି ଦୁର୍ବୃତ୍ତ ୩ଟି ଗାଡ଼ି ଜାଳି ଦେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି ଗାଡ଼ି ମାଲିକ ରମେଶ ସ୍ୱାଇଁ। ସେ ଦେଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ରାତିରେ ତାଙ୍କର ୩ଟି ଗାଡି (ଏଟିଗା, ଅଟୋ ଏବଂ ଟ୍ରାଭେରା) ଘର ନିକଟରେ ରଖାଯାଇଥିଲା। ହେଲେ ଦୁଇଜଣ ବ୍ୟକ୍ତି ରାତି ପ୍ରାୟ ସାଢ଼େ ୧ଟାରେ ଏକ ବାଇକ୍‌ରେ ଆସି କୌଣସି ଜଳନୀୟ ପଦାର୍ଥ ଗାଡି ଉପରକୁ ଫିଙ୍ଗି ନିଆଁ ଲଗାଇ ଦେଇଥିଲେ। ଏହି ସମୟରେ ଶୌଚ ହେବା ପାଇଁ ଯାଇଥିବା ପ୍ରଶାନ୍ତ ସ୍ୱାଇଁ ଦେଖି ପାଟି କରିବାରୁ ଦୁଇଜଣ ପଳାଇ ଯାଇଥିଲେ। ପ୍ରଶାନ୍ତ ଡାକ ପକାଇବାରୁ ରମେଶଙ୍କ ସମେତ ଗାଁର ଅନ୍ୟ ଲୋକ ପହଞ୍ଚି ପାଣି ପକାଇଥିଲେ। ତେବେ ଅଟୋ ଏବଂ ଟ୍ରାଭେରାଟି ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଏଟିଗା ଅଳ୍ପ ପୋଡିଯାଇଛି। ଏ ସମ୍ପର୍କରେ ଦୁଇଜଣଙ୍କୁ ସନ୍ଦେହ କରିଛନ୍ତି ରମେଶ। ସେ ଆଣିଥିବା ସେକେଣ୍ଡ ହ୍ୟାଣ୍ଡ ଟ୍ରାଭେରାର କିଛି ଟଙ୍କା ପରିଶୋଧ କରିବାର ଥିଲା। ହେଲେ ୯ ମାସ ହୋଇଥିଲେ ହେଁ ତାଙ୍କ ନାମରେ ଗାଡି କାଗଜପତ୍ର କରି ନ ଥିଲେ ମଧ୍ୟସ୍ଥ ଏବଂ ଗାଡି ଦେଇଥିବା ମାଲିକ। ତେଣୁ ଗାଡିଟି ଫେରାଇ ତାଙ୍କ ଟଙ୍କା ଫେରାଇଦେବାକୁ କହିଥିଲେ ରମେଶ। ୧୯ ତାରିଖ ଦିନ ଗାଡ଼ି ଫେରାଇ ଟଙ୍କା ଆଣିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ୧୮ ତାରିଖ ରାତିରେ ଗାଡିକୁ ପେଟ୍ରୋଲ ଢାଳି ପୋଡି ଦିଆଯାଇଛି। ତପନ ନନ୍ଦ ଓ ମହେଶ୍ୱର ଜେନା ଏପରି କରିଥିବା ସନ୍ଦେହ କରିଛନ୍ତି ରମେଶ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଶୁଣିଲାନି ପୌରସଂସ୍ଥା

## ହାଡ଼ିଗୋହିରୀ ସଫା କଲେ ସାହିବାସିନ୍ଦା



**ପୁରୀ,୧୯।୨(ସମିସ):** ଦୀର୍ଘ ୫/୬ ବର୍ଷ ହେବ ସଫା ହେଉ ନ ଥିଲା ହାଡିଗୋହିରୀ। ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସାହିବାସିନ୍ଦା। ହେଲେ ସେମାନଙ୍କ କଥା ଶୁଣାଗଲା ନାହିଁ। ଶେଷରେ ସାହିବାସିନ୍ଦା ମିଶି ହାଡିଗୋହିରୀ ସଫା କରିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ପୁରୀ ପୌରସଂସ୍ଥାର ୨୦ ନମ୍ବର ୱାର୍ଡରେ। ବୋର୍ଡିଂଛକ ତଳ ନୂଆସାହିର ଏକ ହାଡିଗୋହିରୀ ଦୀର୍ଘବର୍ଷ ହେବ ସଫା ହୋଇ ନ ଥିଲା। ଫଳରେ ବିଭିନ୍ନ ପ୍ରକାର ଆବର୍ଜନା ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ବର୍ଷା ହେଲେ ସେଥିରେ ପାଣି ପଡ଼ି ପ୍ରବଳ ଦୁର୍ଗନ୍ଧ ହେଉଥିଲା। ତେଣୁ ଏହାକୁ ସଫା କରିବା ଲାଗି ସାହିବାସିନ୍ଦା ସମ୍ପୃକ୍ତ ୱାର୍ଡ ମେହନ୍ତରଙ୍କଠାରୁ ଆରମ୍ଭ କରି ପୌର କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଶେଷରେ ସାହିବାସିନ୍ଦା ଏକ୍‌ଜୁଟ ହୋଇ ସଫା କରିବା ଲାଗି ଯୋଜନା କରିଥିଲେ। ନିଜ ନିଜ ଭିତରେ ଟଙ୍କା ଆଦାୟ କରି ୩ ଜଣ ଶ୍ରମିକଙ୍କୁ ଲଗାଇ ବୁଧବାର ହାଡିଗୋହିରୀ ସଫା କରିଛନ୍ତି। ସମ୍ପୂର୍ଣ୍ଣ ସଫା କରିବାକୁ ପ୍ରାୟ ୨/୩ ଦିନ ଲାଗିବ ବୋଲି ସ୍ୱାଧୀନ ପଣ୍ଡା କହିଛନ୍ତି।

## ସିଂହଦ୍ୱାର ଆଗରୁ ଲୁନା ଚୋରି; ଜଣେ ଗିରଫ

**ପୁରୀ,୧୯।୨(ସମିସ):** ସିଂହଦ୍ୱାର ସମ୍ମୁଖରୁ ଲୁନା ଚୋରି କରି ବନ୍ଧା ହେଲେ ଅଭିଯୁକ୍ତ। ଗିରଫ ଅଭିଯୁକ୍ତ ହେଲେ, ଚନ୍ଦନପୁର ଗୋଲପଡାର ବିପିନ ବିଶ୍ୱାଳ। ପୁଲିସ ସୂଚନା ଅନୁଯାୟୀ, ଗତ ୧୬ ତାରିଖ ଦିନ ଗଞ୍ଜାମ ପୁରୁଷୋତ୍ତମପୁର ଥାନା ଅଧୀନ କୁମାରୀ ଗ୍ରାମର ଯୁଧିଷ୍ଠିର ସାହୁ ନିଜର ଲୁନା ଧରି ମହାପ୍ରଭୁଙ୍କ ଦର୍ଶନ କରିବାକୁ ଆସିଥିଲେ। ସିଂହଦ୍ୱାର ଥାନା ଆଗରେ ଗାଡ଼ି ରଖି ଭଲ ଭାବେ ଲକ୍ ପକାଇ ମନ୍ଦିର ଭିତରକୁ ଯାଇଥିଲେ। ହେଲେ ଦର୍ଶନ ସାରି ଫେରିବା ବେଳକୁ ତାଙ୍କ ଲୁନା ସେଠାରେ ନ ଥିଲା। ବହୁତ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଶେଷରେ ନିରାଶ ହୋଇ ସେ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବିପିନକୁ ଗିରଫ କରିଛି। ତା' ନିକଟରୁ ଲୁନା ଜବତ କରି ବୁଧବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

## ଡକାୟତି ଯୋଜନା ପଣ୍ଡ ୫ ଗିରଫ; ମାରଣାସ୍ତ୍ର ଜବତ

**ପୁରୀ,୧୯।୨(ସମିସ):** ଏକ ବଡ଼ଧରଣର ଡକାୟତି ଯୋଜନାକୁ ପଣ୍ଡ କରିଛି ସମୁଦ୍ରକୂଳ ଥାନା ପୁଲିସ। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ବିଭିନ୍ନ ମାରଣାସ୍ତ୍ର ମଧ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ପେଣ୍ଠକଟା ତାରିଣୀ ବସ୍ତିର ଏମ୍. ଜଗା, ବଳିଆପଣ୍ଡା ବିଜୟନଗରରେ ରହୁଥିବା ଖୋର୍ଦ୍ଧା ଜିଲ୍ଲା ବାଣପୁର ଭୀମପୁରର ଶିବଶଙ୍କର ତ୍ରିପାଠୀ, ମିଶ୍ରସାହି ଜଗନ୍ନାଥ ବସ୍ତିର ଚନ୍ଦନ ଦାସ, ତାଳବଣିଆର ଶୁଭଜିତ ମହାପାତ୍ର ଓ ବଳିଆପଣ୍ଡା ନାଳି ପଡିଆ ନିକଟରେ ରହୁଥିବା ନରେନ୍ଦ୍ରକୋଣ ବିଶେଶ୍ୱରୀ ଲେନର ଚିକୁ ଭୋଇ। ପୁଲିସ ସୂଚନା ଅନୁଯାୟୀ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ନିକାଞ୍ଚନ ସ୍ଥାନରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ୫ ଜଣ ଅଭିଯୁକ୍ତ ବସି ଡକାୟତି ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ଖବର ପାଇ ସମୁଦ୍ରକୂଳ ଥାନାର ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଗୋଟିଏ ଛୁରି, ହାତୁଡି, ସ୍କୃ ଡ୍ରାଇଭର, ଲଙ୍କା ପାଉଡର ଜବତ କରାଯାଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ବୁଧବାର ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିଛି।

## ପୀତବାସ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପିପିଲି,୧୯।୨(ସମିସ): ପିପିଲି ବ୍ଲକ ଅଧୀନ ଦାଣ୍ଡମୁକୁନ୍ଦପୁରସ୍ଥିତ ପୀତବାସ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପିପିଲି ବ୍ଲକ ଅଧକ୍ଷା ଦେବସ୍ମିନୀ ନନ୍ଦ, ମୁଖ୍ୟବକ୍ତା ଭାବେ ପିପିଲି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ସୁକାନ୍ତ ନାୟକ, ସମ୍ମାନିତ ଅତିଥିଭାବେ ପିପିଲି ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାଥ ନନ୍ଦ, ସ୍ଥାନୀୟ ସରପଞ୍ଚ ପରେଶ ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ଚୌଧୁରୀ ସିନିବାସ ସାହୁ, ଚୈତନ୍ୟ କୁମାର ମହାନ୍ତି, ପ୍ରଧାନ ଶିକ୍ଷକ ଉମେଶ ପତି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ର ଅତିଥି ପରିଚୟ, ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବା ଶହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଭଲ ପାଠ ପଢି ସ୍କୁଲ ତଥା ଅଞ୍ଚଳର ଟେକ ରଖିବାକୁ ଅତିଥିମାନେ ତାଙ୍କ ବକ୍ତବ୍ୟରେ କହିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ବିଜୟିନୀ ଓ ସନ୍ତୋଷ ସାହୁଙ୍କ ଝିଅ ଆରାଧ୍ୟା ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ପ୍ରଥମ (ଏମ୍‌ସିପି) ହୋଇଥିବାରୁ ଅତିଥିମାନେ ସ୍କୁଲର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା କରିଥିଲେ। ଶିକ୍ଷକ ଜିତେନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୁଶାନ୍ତ ରଥ, ମହାଦେବ ମିଶ୍ର, ଶିକ୍ଷୟିତ୍ରୀ ଦୀପ୍ତି ଦାସ, ପୁଷ୍ପରାଣୀ ମହାପାତ୍ର, ଶୁଭସ୍ମିତା ଷଡ଼ଙ୍ଗୀ, ଚୌଧୁରୀ ପ୍ରିୟଦର୍ଶୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ରାସନକାର୍ଡଫେରାଇବା ତାଲିକାରେ ଗରିବ ହିତାଧିକାରୀ

## ଉଜୁଡ଼ିଲା ଭାତହାଣ୍ଡି; ଚିନ୍ତାରେ ଜନ୍ମେଜୟ



**କୁଣ୍ଢେଇ,୧୯ ।୨ (ସମିସ):** ରାସନ କାର୍ଡ ଫେରାଇବା ତାଲିକାରେ ଜଣେ ଗରିବ ହିତାଧିକାରୀଙ୍କ ନାଁ ଥିବାରୁ ସେ ଏବେ ଚିନ୍ତାରେ ପଡ଼ିଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କାକଟପୁର ବ୍ଲକ କୁଣ୍ଢେଇ ପଞ୍ଚାୟତ ବାଜପୁର ଗ୍ରାମର ଜନ୍ମେଜୟ ସାହୁଙ୍କ ପରିବାରରେ। କାକଟପୁର ବଜାର କାକଟପୁର ଥାନା ଥାନା ସମ୍ମୁଖରେ ଜରିପାଲ ଟାଣି ଏକ ପାନ ଦୋକାନ କରି ସେ ପରିବାର ଚଳାଉଛନ୍ତି। ଘରେ ମାଆ, ସ୍ତ୍ରୀ, ଝିଅ ଥିବା ବେଳେ ସ୍ତ୍ରୀ କ୍ୟାନ୍ସରରେ ପୀଡ଼ିତ ହୋଇଥିବା ଯୋଗୁଁ ଚିକିତ୍ସା ପାଇଁ ଧାରକରଜରେ ବୁଡ଼ି ରହିଛନ୍ତି ଜନ୍ମେଜୟ। ଛୋଟିଆ ପାନ ଦୋକାନରୁ ଯାହା ରୋଜଗାର ହୁଏ ଓ ରାସନ୍ କାର୍ଡରେ ମାସକୁ ୨୦ କିଲୋ ଚାଉଳ ମିଳୁଥିବାରୁ ଦୁଃଖକଷ୍ଟରେ ୪ ପ୍ରାଣୀ ଚଳି ଯାଉଥିଲେ। ତେବେ ରାସନ୍ କାର୍ଡ ଫେରାଇବା ଆଶଙ୍କାକୁ ନେଇ ଜନ୍ମେଜୟ ଏବେ ଚିନ୍ତାରେ ପଡ଼ିଛନ୍ତି। ତାଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇନଥିବାସ୍ଥଳେ ରାସନ୍ କାର୍ଡ ଫେରାଇବା ତାଲିକାରେ ତାଙ୍କ ନାମ ଥିବାରୁ କିପରି ବଞ୍ଚିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ପରିବାର ଲୋକେ। ଆର୍ଥିକ ଅନଟନ ଭିତରେ ରହିଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ସାମିଲ କରାଯାଇ ରାସନ କାର୍ଡ ମିଳିଥିଲା। ଅନ୍ୟପକ୍ଷରେ ଆର୍ଥିକ ଦୁର୍ବଳ ଶ୍ରେଣୀରେ ରହିଥିବା ଏହିପରି ପରିବାର ପ୍ରତି ସରକାର ଦୃଷ୍ଟି ଦେଇ ରାସନ କାର୍ଡ ପ୍ରତ୍ୟାହାର ନ କରିବାକୁ ଦାବି ହୋଇଛି।

## ପୁରୀରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ: ଆପ୍

**ପୁରୀ,୧୯।୨(ସମିସ):** ବିପର୍ଯ୍ୟସ୍ତ ହୋଇପଡ଼ିଛି ପୁରୀର ଆଇନଶୃଙ୍ଖଳା ବ୍ୟବସ୍ଥା। ବିଗତ କିଛିଦିନର ସ୍ଥିତିକୁ ଦେଖିଲେ ଏହା ସ୍ପଷ୍ଟ ହେଉଛି ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ସଞ୍ଜୀବ ମହାନ୍ତି। ବୁଧବାର ଏକ ପ୍ରେସ୍‌ବାର୍ତ୍ତାରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଶ୍ରୀମନ୍ଦିରରେ ବିଦେଶୀ ପ୍ରବେଶ କଲେ। ତାଙ୍କୁ ସେବାୟତ ଧରିଲେ କିନ୍ତୁ ପୁଲିସ ଚିହ୍ନି ପାରିଲା ନାହିଁ। ବାରମ୍ବାର ଏପରି ଘଟଣା ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରୁଛି। କିଛିଦିନ ତଳେ ଜଗମୋହନ, ରତ୍ନସିଂହାସନର ଭିଡିଓ ଭାଇରାଲ କରାଗଲା। ସେହିପରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ିବା ଏକ ସାଧାରଣ ଘଟଣା ହେଇଗଲାଣି। ନିକଟରେ ଏକାଧିକଥର ଡ୍ରୋନ୍ ଉଡ଼ିବା ନଜରକୁ ଆସିଛି। ଏକାଧିକ ଘଟଣାରେ ପୁଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚି ପାରିନାହିଁ।

ନବକଳେବର ପରଠାରୁ ଦେଖିଲେ ଶ୍ରୀମନ୍ଦିର ସୁରକ୍ଷାରେ ଅନେକ ବ୍ୟତିକ୍ରମ ଘଟିଛି। ହେଲେ ଆଜି ଯାଏ ଜଣେ ବି ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସରକାର ପରିବର୍ତ୍ତନର ୭ ମାସ ବିତିଥିଲେ ମଧ୍ୟ ଅବସ୍ଥା ସୁଧୁରି ନାହିଁ। ନିକଟରେ ଶ୍ରୀଜଗନ୍ନାଥ ଷ୍ଟାଡିୟମରେ ସେବାୟତମାନେ କ୍ରିକେଟ ଖେଳୁଥିବା ବେଳେ ବୋମାମାଡ଼ ହେଲା। ଘଟଣାର ତିନିଦିନ ପରେ ବି ପୋଲିସ ହାତ ଖାଲି। କିଏ ଏବଂ କାହିଁକି ବୋମାମାଡ଼ କରିଥିଲା ତାହାର ସୁରାକ୍ ମଧ୍ୟ ପୁଲିସ ପାଇଛି। ସେଠି ନା ସିସିଟିଭି ଅଛି ନା କୌଣସି ପ୍ରମାଣ ଅଛି। ଏହା କେବଳ ପୁରୀ ପୁଲିସର ପାରଦର୍ଶିତାର ଅଭାବ କହିଲେ ଭୁଲ ହେବ ନାହିଁ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଅଧିକ ବିପର୍ଯ୍ୟସ୍ତ ହୋଇପଡିଛି। ସୁରକ୍ଷା କର୍ମଚାରୀଙ୍କ ଢିଲା ପଣ ଯୋଗୁ କେତେବେଳେ ଯେ କ'ଣ ଅଘଟଣ ନ ଘଟିବ ତାହା କହିହେବ ନାହିଁ। କେବଳ ମହାପ୍ରଭୁ ହିଁ ଭରସା।

ବର୍ତ୍ତମାନର ସରକାର ଅନେକ ଯୋଜନା କରୁଛନ୍ତି। କିନ୍ତୁ ବାସ୍ତବରେ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ପୂର୍ବରୁ ଜେଟିପି ହାତରେ ତାଳ ପଟକ ଧରୁଥିଲେ। ଭକ୍ତଙ୍କ ଛଡା ଅନ୍ୟ କେହି ଭିତରକୁ ପ୍ରବେଶ କରିପାରୁ ନ ଥିଲେ। ବର୍ତ୍ତମାନ କିଏ ଚପଲ ତ ଆଉ କେହି ଟିଫିନ ଧରି ପଶିଯାଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରତ୍ନ ଅଳଙ୍କାର ଏ ପର୍ଯ୍ୟନ୍ତ ଗଣାଯାଇ ପାରିଲା ନାହିଁ। ତେଣୁ ଶ୍ରୀମନ୍ଦିରକୁ ସୁରକ୍ଷା ଦେବାରେ ବର୍ତ୍ତମାନର ବିଜେପି ସରକାର ଓ ତାଙ୍କ ଅଧିକାରୀ ସମ୍ପୂର୍ଣ୍ଣ ଫେଲ୍ ମାରୁଛନ୍ତି। ଏଥିପାଇଁ କେନ୍ଦ୍ର ସରକାର ଏହା ଉପରେ ଚିନ୍ତା କରିବା ଆବଶ୍ୟକ। ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ଆସୁଛି ରତ୍ନଭଣ୍ଡାରର ରତ୍ନ ଅଳଙ୍କାର ସୁରକ୍ଷିତ ଅଛି ତ? କାରଣ ବାରମ୍ବାର ସମୟ ଗଡେଇବା ଏ ସରକାରଙ୍କ ଅଭ୍ୟାସ ବୋଲି ପରିଲିକ୍ଷିତ ହେଉଛି। କେନ୍ଦ୍ର ସରକାର ତୁରନ୍ତ ଏହା ଉପରେ ହସ୍ତକ୍ଷେପ କରନ୍ତୁ ଓ ମହାପ୍ରଭୁଙ୍କ ସମ୍ପତ୍ତି ଓ ଧାର୍ମିକ ନୀତିକୁ ସୁରକ୍ଷା ନିଶ୍ଚିତ କରନ୍ତୁ ବୋଲି କହିଛନ୍ତି ପୁରୀ ଜିଲ୍ଲା ଆପ୍ ସଭାପତି ଶ୍ରୀ ମହାନ୍ତି।



**ଆସୁଛି ଜାଗର:** ଶୃଙ୍ଖଳିତ ଦର୍ଶନ ପାଇଁ ଲୋକନାଥ ମନ୍ଦିରରେ ବ୍ୟାରିକେଡ୍ ବ୍ୟବସ୍ଥା

## ମୋବାଇଲ୍ ଝାମ୍ପି ନେଇଥିବା ଲୁଟେରା ଗିରଫ

**ପୁରୀ,୧୯।୨(ସମିସ):** ସାଇକେଲ ଆରୋହୀଙ୍କଠାରୁ ମୋବାଇଲ ଝାମ୍ପି ନେବା ଅଭିଯୋଗରେ କୁମ୍ଭାରପଡା ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ, ଲୋକନାଥ ରୋଡ୍ ଷଣ୍ଢ ଜାଗାର ଜମ୍ମେଶ୍ୱର ଦୀକ୍ଷିତ। ପୁଲିସ ସୂଚନା ଅନୁଯାୟୀ, ବାସେଳି ସାହି ଥାନା ଅଧୀନ ମାର୍କଣ୍ଡେଶ୍ୱର ସାହି ଢିପ ଜାଗାର ନୀଳାଞ୍ଚଳ ମହାପାତ୍ର ସାଇକେଲ ଯୋଗେ ଗତ ସୋମବାର ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ଦତ୍ତତୋଟା ବୋର୍ଡିଂ ଛକ ରାସ୍ତାରେ ଫୋନରେ କଥାବାର୍ତ୍ତା ହୋଇ ଯାଉଥିବାବେଳେ ହଠାତ ଜମ୍ମେଶ୍ୱର ମୋବାଇଲ ଝାମ୍ପି ନେଇ ଫେରାର ହୋଇଯାଇଥିଲା। ଏ ନେଇ ନୀଳାଞ୍ଚଳ କୁମ୍ଭାରପଡା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଜମ୍ମେଶ୍ୱରକୁ ଗିରଫ କରିବା ସହ ତା' ନିକଟରୁ ମୋବାଇଲ ଜବତ କରି ବୁଧବାର କୋର୍ଟଚାଲାଣ କରିଛି।

### ସହିଦ ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ବ୍ଲାକ୍ ପାନ୍ଥରକୁ ହରାଇ ଲୟଲ୍ ଲାୟନ୍ ଚାମ୍ପିଅନ

ପୁରୀ,୧୯।୨(ସମିସ)




ସ୍ଥାନୀୟ ରିଜର୍ଭ ପୋଲିସ ପଡ଼ିଆରେ ଚାଲିଥିବା ସହିଦ ହାବିଲଦାର ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବ୍ଲାକ ପାନ୍ଥରକୁ ପରାସ୍ତ କରି ଲୟଲ ଲାୟନ ଅଷ୍ଟମ ସହିଦ ରଞ୍ଜନ ଷଡ଼ଙ୍ଗୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଏସ୍‌ପି ବିନୀତ୍ ଅଗ୍ରୱାଲ ବିଜୟୀ ଦଳକୁ ଚାମ୍ପିଅନ କପ୍ ଏବଂ ବ୍ଲାକ ପାନ୍ଥରକୁ ରନର୍ସଅପ୍ କପ ପ୍ରଦାନ କରିଥିଲେ।

ବ୍ଲାକ ପାନ୍ଥର ଅଧିନାୟକ ଦୁଷ୍ମନ୍ତ ସାହୁ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ପ୍ରତିପକ୍ଷ ଲୟଲ ଲାୟନର ଶ୍ରୀଧରଙ୍କ ଧୂଆଁଧାର ୧୦୨ ରନ୍ ବଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୨୫ ରନ୍ ସଂଗ୍ରହ କରିଥିଲା। ୨୨୬ ରନକୁ ପିଛା କରି ବ୍ଲାକ ପାନ୍ଥରର ଜିତେନ୍ଦ୍ର ସ୍ୱାଇଁଙ୍କ ଧୂଆଁଧାର ୩୯ ବଲରେ ୭୨ ରନ୍, ରାଜା ପଣ୍ଡା ୫୦, ଦୀପକ ୪୨ ରନ୍ କରି ଦଳକୁ ବିଜୟ ନିକଟତର କରିଥିଲେ। ୧୪ ବଲରେ ୧୭ ରନ୍ ଆବଶ୍ୟକ ଥିବାବେଳେ ନାଥଙ୍କ ଅଗ୍ନିବର୍ଷୀ ବୋଲିଂକୁ ସାମ୍ନା କରିପାରି ନ ଥିଲା ବ୍ଲାକ ପାନ୍ଥର। ଏଥିରେ ଲୟଲ ଲାୟନର ଶ୍ରୀଧର ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ବେଷ୍ଟ ବ୍ୟାଟ୍ସମ୍ୟାନ (ଅରେଞ୍ଜ କ୍ୟାପ୍) ସୁଶାନ୍ତ କୁମାର ସ୍ୱାଇଁ, ବେଷ୍ଟ ବୋଲର୍ (ପର୍ପଲ କ୍ୟାପ୍) ଶୁଭଜିତ୍ ବରାଳ, ଇମର୍ଜିଂ ପ୍ଲେୟାର ରମେଶ କୁମାର ରାଉତ, ମ୍ୟାନ ଅଫ୍ ଦି ସିରିଜ ସୁଶାନ୍ତ କୁମାର ସ୍ୱାଇଁ, ବେଷ୍ଟ ୱିକେଟ୍ କିପର ଦିଲୀପ କୁମାର ଛାଟୋଇ, ବେଷ୍ଟ ଫିଲ୍ଡର ଆପଲ ରାଜୁ, ବେଷ୍ଟ କ୍ୟାଚର୍ ରୁଦ୍ର, ବେଷ୍ଟ କ୍ୟାପଟେନ୍ ଦୁଷ୍ମନ୍ତ ସାହୁ, ଫେୟାର ପ୍ଲେ ଆୱାର୍ଡ ଟିମ୍ ହଣ୍ଟର ଚିତା, ବେଷ୍ଟ ଟେକ୍‌ନିସିଆନ ରମେଶ ଚନ୍ଦ୍ର ପରିଡା, ବେଷ୍ଟ କମେଣ୍ଟର ଗୁରୁ ପ୍ରସାଦ ମହାନ୍ତିଙ୍କୁ ପୁରସ୍କୃତ କରିଥିଲେ ଏସ୍‌ପି। ଟୁର୍ଣ୍ଣାମେଣ୍ଟକୁ ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଡିଏସ୍‌ପି ତପନ ଦାସ, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି, ଏସ୍‌ଆଇ ସମୀର ସ୍ୱାଇଁ, ବାସୁଦେବ ପଣ୍ଡା, ପୋଲିସ ସଂଘ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି ସନ୍ତୋଷ ସାହୁ, ସେକ୍ରେଟାରୀ ସୂର୍ଯ୍ୟପ୍ରତାପ ଜେନା ପ୍ରମୁଖ ଖେଳକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ସ୍ଥାନାନ୍ତରକୁ ଗ୍ରାହକଙ୍କ ବିରୋଧ



**ପୁରୀ,୧୯।୨(ସମିସ):** ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ନବକଳେବର ଶାଖା ବଡ଼ଦାଣ୍ଡସ୍ଥିତ ଏର୍‌ଆର ଲଜ୍‌ର ପ୍ରଥମ ମହଲାରେ ଦୀର୍ଘବର୍ଷ ଧରି କାର୍ଯ୍ୟକ୍ଷମ ହୋଇଆସୁଛି। ବଡଶଙ୍ଖ ଅଞ୍ଚଳର ଛୋଟ, ବଡ଼ ଓ ମଧ୍ୟମ ବ୍ୟବସାୟୀମାନେ ଏହି ବ୍ୟାଙ୍କରେ ଖାତା ଖୋଲି ଗ୍ରାହକ ସେବା ପାଇ ଆସୁଛନ୍ତି। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଏହି ବ୍ୟାଙ୍କରେ ଆକାଉଣ୍ଟ ଖୋଲିଛନ୍ତି। ଏଥିସହ ଅବକାଶ ଲେନ୍, କୁମ୍ଭାରପଡା, ବଡ଼ଶଙ୍ଖ, ସଂଗ୍ରାମ କ୍ଲବ ଗଳି ସମେତ ଆଖପାଖ ସାହିବାସିନ୍ଦା ବ୍ୟାଙ୍କରେ ଟଙ୍କା ଜମା ଓ ଉଠାଣ କରି ଆସୁଛନ୍ତି। ହେଲେ କର୍ତ୍ତୃପକ୍ଷ ଏହି ବ୍ୟାଙ୍କକୁ ସିଂହଦ୍ୱାର ଅଞ୍ଚଳରେ ଖୋଲିବା ପାଇଁ ମସୁଧା ଚଳାଇଥିବାରୁ ଗ୍ରାହକମାନେ ଅସନ୍ତୋଷ ବ୍ୟକ୍ତ କରି ବୁଧବାର ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରିଥିଲେ। ଏଥିସହ ବ୍ୟାଙ୍କ ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବ୍ୟାଙ୍କ ଉଠିଯିବାର ରାସ୍ତା ଧରିଲେ ଗ୍ରାହକମାନେ ଆନ୍ଦୋଳନର ରାସ୍ତା ଧରିବେ ବୋଲି ଚେତାବନୀ ଦେଇଛନ୍ତି। ବଡ଼ଶଙ୍ଖ ବ୍ୟବସାୟୀ ସଂଘ ସଭାପତି ହରିହର ପାଢୀଙ୍କ ନେତୃତ୍ୱରେ ସାମ୍ବାଦିକ ପ୍ରସନ୍ନ କୁମାର ଲେଙ୍କା, ରାଧାଶ୍ୟାମ ସାହୁ, ବସନ୍ତ ପ୍ରଧାନ, ସୁକାନ୍ତ ବେହେରା, ନାରାୟଣ ପ୍ରଧାନ, ପ୍ରଦୀପ କୁମାର ଦାସ, ଭବାନୀ ଶଙ୍କର ସାହୁଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଗ୍ରାହକ ଏହି ବିକ୍ଷୋଭ ଓ ପ୍ରତିବାଦରେ ସାମିଲ ହୋଇଥିଲେ।

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ତଥ୍ୟକୁ ନେଇ ଦ୍ୱନ୍ଦ

# ରାସ୍ତାକାମ ସରିଥିବା ଦର୍ଶାଯାଇଛି; ବାସ୍ତବ ଚିତ୍ର ଓଲଟା





ଅସ୍ତରଙ୍ଗ,୧୯।୨(ସମିସ):

ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଗଙ୍ଗପୁରରୁ ପଦାସାହି କଂକ୍ରିଟ୍ ରାସ୍ତା ଦୀର୍ଘ ବର୍ଷ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ୨୦୨୪ ମସିହା ଫେବୃଆରୀ ମାସରେ ଅଭିଯୋଗ ହୋଇଥିଲା। ତେବେ ଏହାର ୮ ମାସ ପରେ ଅର୍ଥାତ୍ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କ ସାଧାରଣ ପ୍ରଶାସନ ବିଭାଗ ୱେବ୍‌ପୋର୍ଟାଲରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି ବୋଲି ରିପୋର୍ଟ ଆସିଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଏହି ରାସ୍ତାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି କିପରି ସରକାରଙ୍କ ପୋର୍ଟାଲରେ ରାସ୍ତାକାମ ସମ୍ପୂର୍ଣ୍ଣ ହୋଇଛି ବୋଲି ଦର୍ଶାଯାଇଛି। ଆଜି ବି ଏହି ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଲୋକମାନେ ଏଥିରେ ବଡ଼ କଷ୍ଟରେ ଯାତାୟାତ କରୁଛନ୍ତି।

ସୂଚନା ଅନୁଯାୟୀ, ରାସ୍ତା ଢଳେଇ ଫାଟି ଖାଲଖମାରେ ଭର୍ତ୍ତି ହୋଇ ରହିଥିବା ବେଳେ ବର୍ଷା ସମୟରେ ଅନେକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିଲା। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ହୋଇଥିଲା। ତେବେ ରାସ୍ତା କାମ ଶେଷ ହୋଇଯାଇଛି ବୋଲି ପୋର୍ଟାଲରେ ଦର୍ଶାଯାଇଛି। ତାକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଗ୍ରାମାଞ୍ଚଳର ବିକାଶ ପାଇଁ ସାଧାରଣ ଲୋକ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରୁଛନ୍ତି। ଏହି ଅଭିଯୋଗ ଜିଲ୍ଲାପାଳ ଓ ପରେ ଉକ୍ତ ଅଞ୍ଚଳର ପ୍ରଶାସନକୁ ପଠାଯାଇଥାଏ। କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଏ ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥାଏ। ମାତ୍ର ପ୍ରକୃତରେ ଏହି କାର୍ଯ୍ୟ ଗ୍ରାଉଣ୍ଡ ଜିରୋରେ ହୋଇଛି କି ନାହିଁ ରାଜ୍ୟ ସାଧାରଣ ପ୍ରଶାସନ କିପରି ଜାଣିବ? ଏହି ସ୍ଥାନରେ ରାସ୍ତା ମରାମତି ନହୋଇ କିପରି ୱେବ୍‌ପୋର୍ଟାଲରେ ସରିଯାଇଛି ବୋଲି ରିପୋର୍ଟ ଆସିଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂପର୍କରେ ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ଅନ୍ୟପକ୍ଷରେ ବ୍ଲକ ପ୍ରଶାସନ କହୁଛି ଏହା ପଞ୍ଚାୟତ କି ବ୍ଲକର ରାସ୍ତା ନୁହେଁ। ଗ୍ରାମ୍ୟ ଉନ୍ନୟନ ବିଭାଗ କହୁଛି ଏହା ସେମାନଙ୍କ ରାସ୍ତା ନୁହେଁ। ତାହେଲେ ଏହି ରାସ୍ତା କାହାର ଓ କାର୍ଯ୍ୟ ନହୋଇ ୱେବ୍‌ପୋର୍ଟାଲରେ କିପରି କାର୍ଯ୍ୟ ଶେଷ ହୋଇଯାଇଛି ବୋଲି ଦର୍ଶାଯାଇଛି ସେନେଇ ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

> ➤ ରାସ୍ତା କେଉଁ ବିଭାଗର ଉଠିଲା ପ୍ରଶ୍ନ
> ➤ ବିଡିଓ କହୁଛନ୍ତି ତଥ୍ୟ ନାହିଁ
> ➤ ଖାଲଖମା ରାସ୍ତାରେ ଯାତାୟାତ କରୁଛନ୍ତି ଗ୍ରାମବାସୀ

## ମା' ମଙ୍ଗଳାଙ୍କ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା



ଡେଲାଙ୍ଗ,୧୯।୨(ସମିସ):

ଡେଲାଙ୍ଗ ବ୍ଲକ ଗୁଆଳିପଡା ପଞ୍ଚାୟତର ସତ୍ୟଭାମା ପାଟପୁର ଗ୍ରାମରେ ମା' ମଙ୍ଗଳାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଏହି ଅବସରରେ ୧୪ଜଣ କଳସଧାରୀ ପାଟପୁର ବଡ଼ ପୋଖରୀରୁ କଳସ ବୁଡାଇ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟରେ ଜଳଯାତ୍ରା, ଶାଳାମଣ୍ଡନ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀ ପାଠ, ସର୍ବଦେବାଦେବୀ ଆବାହନ ପ୍ରଭୃତି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ବେଣୁଧର ବେହେରା ଓ କର୍ତ୍ତୀ ଭାବେ ତାଙ୍କ ଧର୍ମପତ୍ନୀ କୁନି ବେହେରା କାର୍ଯ୍ୟନିର୍ବାହ କରିଥିଲେ। ମୁଖ୍ୟପୂଜକ ଭାବେ ମନୋରଞ୍ଜନ ମିଶ୍ର ଓ ସହଯୋଗୀ ପଣ୍ଡିତମାନେ ଯଥାବିଧି ପୂଜାର୍ଚ୍ଚନା କରିଥିବା ବେଳେ ଗୋଧୂଳୀ ଲଗ୍ନରେ ମା'ଙ୍କର ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଗ୍ରାମର ସୁବାସ ଚନ୍ଦ୍ର ବେହେରା, ରମେଶ ଚନ୍ଦ୍ର ବେହେରା, ରତ୍ନାକର ବେହେରା, ସୁନୀଲ ବେହେରା, ତ୍ରିନାଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାଚୀ ପଦଯାତ୍ରା ଆରମ୍ଭ



କାକଟପୁର/ଗମ୍ଭାରୀପଦା,୧୯।୨(ସମିସ):

ଉତ୍କଳ ଖଣ୍ଡରେ ପ୍ରବାହିତ ପ୍ରାଚୀନଦୀ ପୌରାଣିକ, ସାଂସ୍କୃତିକ ଓ ଐତିହାସିକ ସଭ୍ୟତାରେ ପରିପୂର୍ଣ୍ଣ। ଏହି ନଦୀର ଅବବାହିକାରେ ମାନବ ସଭ୍ୟତା ଗଢ଼ିଉଠି ଅଧିବାସୀଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି କରିବା ସହିତ ବହୁ ମଠ, ମନ୍ଦିରମାନ ସମାଜକୁ ଦିଗ୍‌ଦର୍ଶନ ଦେଇ ଆସିଥିଲା। କିନ୍ତୁ କାଳର କରାଳ ଗର୍ଭରେ ଆଧୁନିକ ମନୁଷ୍ୟର ସାମାଜିକ ଚଳନି ମଧ୍ୟରେ ନଦୀ ତାର ସତ୍ତା ହରାଇବାକୁ ବସିଲାଣି। ଏହାର ପୁନରୁଦ୍ଧାର କରି ଇତିହାସ ହୋଇଯାଇଥିବା ଐତିହ୍ୟ ସ୍ଥଳୀଗୁଡ଼ିକର ନବୀକରଣ କରି ନଦୀକୁ ଚିରସ୍ରୋତା ଓ ଜଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଏ ଅଞ୍ଚଳରେ ଦ୍ରୁତ ଆର୍ଥିକ ବିକାଶ କରିବା ଉଦ୍ଦେଶ୍ୟରେ, ଦୀର୍ଘ ବର୍ଷ ଧରି ସନ୍ଥମାନଙ୍କ ଦ୍ୱାରା ପ୍ରାଚୀ ପରିକ୍ରମା ଅନୁଷ୍ଠିତ ହୋଇ ଆସୁଛି। ପରମପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜାଙ୍କ ମାର୍ଗଦର୍ଶନରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ଶୁଦ୍ଧାନନ୍ଦ ଗିରିଙ୍କ ଅଧ୍ୟକ୍ଷତାରେ ଅନେକ ସାଧୁସନ୍ଥ, ଗୁଣୀ ଜ୍ଞାନୀ, ପରିବେଶବିତ୍, ବୁଦ୍ଧିଜୀବୀ ଓ ପ୍ରକୃତିପ୍ରେମୀ ୧୮ ତାରିଖଠାରୁ କପିଳେଶ୍ୱରଙ୍କ ପୀଠରୁ ପୂଜାପାଠ ସହ ନଦୀର ଉତ୍ତର ପାର୍ଶ୍ୱରେ ପଦଯାତ୍ରା ଆରମ୍ଭ କରିଛନ୍ତି। ୨୧ ତାରିଖରେ କେଉଟଜଙ୍ଘା କେଲୁଣୀମୁହାଣଠାରେ ନଦୀର ଦକ୍ଷିଣ ପାର୍ଶ୍ୱକୁ ଆସି ପରିକ୍ରମା କରି ୨୪ ତାରିଖରେ ପୂନର୍ବାର କପିଳେଶ୍ୱରଙ୍କ ପୀଠରେ ପୂର୍ଣ୍ଣାହୁତି ସମ୍ପନ୍ନ ହେବ। କିନ୍ତୁ ଦୀର୍ଘ ଚତୁର୍ଦ୍ଦଶ ବର୍ଷ ଧରି ନଦୀ ପରିକ୍ରମା ହୋଇ ଜନସଚେତନତା ସୃଷ୍ଟି କରାଯାଉଥିଲେ ମଧ୍ୟ କାକଟପୁର ବଜାରରେ କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜ ଘରର ଆବର୍ଜନା ଓ ନଳା ପାଣିକୁ ନଦୀ ମଧ୍ୟକୁ ଛାଡି ଜଳକୁ ଅପରିଷ୍କାର କରୁଛନ୍ତି। ସେଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଏବଂ ନଦୀର ଉଭୟ ପାର୍ଶ୍ୱର ପଠାକୁ ଜମି ମାଫିଆମାନଙ୍କ ଦ୍ୱାରା ଜବରଦଖଲକୁ ରାଜସ୍ୱ ବିଭାଗର ନିରବତା ପଦଯାତ୍ରୀମାନଙ୍କୁ ବ୍ୟଥିତ କରୁଛି। ରାଜସ୍ୱ ବିଭାଗ ଓ ପୁରୀ ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଦଯାତ୍ରୀମାନେ ଦାବି କରିଛନ୍ତି।

## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

କଣାସ,୧୯।୨(ସମିସ): କଣାସ ବ୍ଲକ କଲୋନିରେ ମଙ୍ଗଳବାର ଷଷ୍ଠ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମପଞ୍ଚାୟତର ମାତୃକର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଶିକ୍ଷାବିତ୍ ସୁଦର୍ଶନ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଡାକ୍ତର ହେମନ୍ତ କୁମାର ଛୋଟରାୟ, ସୁକାନ୍ତ କୁମାର ଜେନା, ବିଶ୍ୱମ୍ବର ସାହୁ, ବିଜୟ କୁମାର ପରିଡା, ଦିଲ୍ଲୀପ କୁମାର ପରିଡା, ମମତା ଶ୍ରୀଚନ୍ଦନ ବକ୍ତାଭାବେ ଯୋଗଦେଇ ଆଧ୍ୟାତ୍ମିକ ମାଧ୍ୟମରେ ସମାଜ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। ଶିକ୍ଷକ ଅକ୍ଷୟ କୁମାର ରାୟସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନନ୍ୟା ଅଭିଲିପ୍ସା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଲକ୍ଷପତି ଦିଦି' ପ୍ରଶିକ୍ଷଣ ଶିବିର



ବଲଙ୍ଗା,୧୯।୨(ସମିସ):

ବଲଙ୍ଗା ଥାନା ଅନ୍ତର୍ଗତ ଉଚ୍ଛୁପୁର ପଞ୍ଚାୟତଠାରେ ଓଡ଼ିଶା ଜୀବିକା ମିଶନ ଶକ୍ତି ନିମାପଡ଼ା ତରଫରୁ ଲକ୍ଷପତି ଦିଦି ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନିମାପଡ଼ା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଡଃ. ଅଭିଜିତ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ଅନୁସୂୟା ମହାନ୍ତି, ଯନ୍ତ୍ରୀ ଗୌରାଙ୍ଗ ଚରଣ ସିଠ, ବ୍ୟାଙ୍କ ଅଫ ଇଣ୍ଡିଆ, ନୂଆସନ୍ଥ ଶାଖା ପରିଚାଳକ ବେଣୁ ଚରଣ ସାହୁ, ପଞ୍ଚାୟତସ୍ତରୀୟ ମହାସଂଘ ସଭାନେତ୍ରୀ ମମତା ପାଇକରାୟ, ବିପିଏମ୍ ମୋନାଲିସା ତ୍ରିପାଠୀ, ବିଏଲ୍‌ସି ପ୍ରଦୋଷ ସାର, ପ୍ରିୟାଞ୍ଜଳି ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲକ୍ଷପତି ଦିଦିଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏମ୍‌ବିକେ ସରସ୍ୱତୀ ସ୍ୱାଇଁ, ବ୍ୟାଙ୍କ ମିତ୍ର ମୋନାଲିସା ଦାଶ, ପଞ୍ଚାୟତର ସମସ୍ତ ସିଆର୍‌ପି, ଇସି ସଭ୍ୟା ଏହି ଶିବିରରେ ଅଂଶଗ୍ରହଣ କରିଥିଲେ।

# ୩୫ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ



ନିମାପଡ଼ା,୧୯।୨(ସମିସ):

ନିମାପଡା ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଆଜି ନିମାପଡା ଥାନା ପରିସରରେ ୩୫ ଜଣ ବରିଷ୍ଠ ନାଗରିକଙ୍କୁ ନୂଆ ପରିଚୟପତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇସି ବାମଦେବ ସ୍ୱାଇଁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରମୋଦ ଚନ୍ଦ୍ର ମହାନ୍ତି, ଉପସଭାପତି କୃଷ୍ଣ ମୋହନ ବେହେରା, ସଂପାଦକ ଦିଗମ୍ବର ନାୟକ, ସହସଂପାଦକ ଦୀନବନ୍ଧୁ ମଲ୍ଲିକ, ବରିଷ୍ଠ ଆଇନଜୀବୀ ସୁଧିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକମାନେ ଯୁବପିଢ଼ିଙ୍କୁ ସଠିକ ମାର୍ଗଦର୍ଶନ ଦେଇଥାନ୍ତି। ଯାହା ଫଳରେ ବିପଥଗାମୀ ଯୁବକମାନେ ସମାଜର ମୁଖ୍ୟସ୍ରୋତକୁ ଫେରିବାରେ ପଥ ଉନ୍ମୁକ୍ତ କରିଥାଏ। ବରିଷ୍ଠ ନାଗରିକମାନଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିଚୟପତ୍ର ମାଧ୍ୟମରେ ସରକାରଙ୍କ ଦ୍ୱାରା ବିଭିନ୍ନ ସେବା ବରିଷ୍ଠ ନାଗରିକମାନେ ପାଇପାରିବେ ବୋଲି ଅତିଥିମାନେ ମତ ପ୍ରକାଶ କରିଛନ୍ତି।

## କନିଷ୍ଠ ଶିକ୍ଷକଙ୍କୁ ମିଳିନି ଦରମା; ଆନ୍ଦୋଳନ ଚେତାବନୀ

ନିମାପଡ଼ା,୧୯।୨(ସମିସ):



ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ନିମାପଡା ଶିକ୍ଷା ମଣ୍ଡଳ ଅଧୀନରେ ଗତବର୍ଷ ଅକ୍ଟୋବର ମାସରେ ଚାକିରିରେ ଯୋଗଦାନ କରିଥିବା ୧୦୯ ଜଣ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଗତ ୩ ମାସର ଦରମା ମିଳିନାହିଁ। ଏନେଇ ସଂଘ ତରଫରୁ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଅଭିଯୋଗପତ୍ର ପ୍ରଦାନ ସହ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ସୂଚନା ଅନୁଯାୟୀ, ନିମାପଡା ବ୍ଲକ ଅଧୀନରେ ୨୦୨୪ ମସିହା ଅକ୍ଟୋବର ମାସରେ ୧୦୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି ପାଇଥିଲେ। ତେବେ ସେମାନଙ୍କୁ ଠିକ ସମୟରେ ଦରମା ମିଳୁନାହିଁ। ବହୁ ସମୟ ଆଲୋଚନା ପରେ ୧ ମାସର ଦରମା ମିଳିବାକୁ ପ୍ରତିଶ୍ରୁତି ମିଳିଛି। ତେବେ ଆସନ୍ତା ୨୫ ତାରିଖ ସୁଦ୍ଧା ସଂପୂର୍ଣ୍ଣ ୩ ମାସର ଦରମା ପ୍ରଦାନ କରାନଗଲେ ବାଧ ହୋଇ କନିଷ୍ଠ ଶିକ୍ଷକ (୨୦୨୩) ପକ୍ଷରୁ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘର ସଭାପତି ଜ୍ୟୋତି ରଞ୍ଜନ ନାୟକ, ସଂପାଦକ ବିଶ୍ୱଜିତ ବସ୍ତିଆ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି। ଏ ସଂପର୍କରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରିବାରେ ଯେତିକି ଫଣ୍ଡ୍‌ସ ଆସିଥିଲା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ୧ ମାସର ଦରମା ଦିଆଯାଇଛି। ପରେ ଫଣ୍ଡ୍‌ସ ଆସିଲେ ସେମାନଙ୍କ ଦରମା ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି।

# ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ



ନିମାପଡ଼ା,୧୯।୨(ସମିସ):

ନିମାପଡ଼ା ବ୍ଲକ ଅନ୍ତର୍ଗତ କଳାପାଞ୍ଚଣ ପଞ୍ଚାୟତ ଷଣ୍ଢପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ଆମ ସଂସ୍କୃତି ଓ ଆମ ଖେଳଣା' କାର୍ଯ୍ୟକ୍ରମ ଓ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିନ୍ମୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥିଭାବେ କଳାପାଞ୍ଚଣ ଗ୍ରା.ପ ସରପଞ୍ଚ ଗୀତାଞ୍ଜଳି ଜେନା, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ଅଭିମନ୍ୟୁ ପଣ୍ଡା, ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତିସଭ୍ୟା ସସ୍ମିତା ପାତ୍ର, ବୃନ୍ଦାବନ ସାହୁ, ବୀରବର ସାହୁ, ଉପେନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଚରଣ କୁମାର ସାହୁ, ଗଣେଶ ନାୟକ, ସୁବାସ ସେଠୀ, ପ୍ରମୋଦ ସାହୁ, ବନଲତା ସାହୁ, ମାମୁନୀ ସାହୁ, ସଂଯୁକ୍ତା ରାଉତ, ଅମରେଶ୍ୱର ନାୟକ, ଆଶ୍ରମ ସ୍କୁଲ ଗଡ଼ଇଟାପୋଖରୀର ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ମିଶ୍ର, ଠାକୁର ପାଟଣା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁମୁଦୁନୀ ଦାଶ, କଳାପାଞ୍ଚଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ, ଭୋଦର ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃପାସିନ୍ଧୁ ସିଂ ପ୍ରମୁଖ ଯୋଗଦେଇ କୁନି କୁନି ପିଲାମାନଙ୍କୁ ଭଲ ମଣିଷ ଭାବେ ଗଢିତୋଳିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ବିଦ୍ୟାଧର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରିଙ୍କିନା ବେହେରା ଓ ତଅପୋଇ ଦେଇ ସହଯୋଗ କରିଥିଲେ। ଏହି ଉତ୍ସବରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ସାକ୍ଷୀଗୋପାଳ ରେଲୱେ ଓଭରବ୍ରିଜ୍ ପାଇଁ ଜମିମାପ ଆରମ୍ଭ

# ବଡ଼ବଜାର ବ୍ୟବସାୟୀ ସଂଘର ବିରୋଧ




ସାକ୍ଷୀଗୋପାଳ,୧୯।୨(ସମିସ):

ସାକ୍ଷୀଗୋପାଳର ସବୁଠାରୁ ବଡ଼ ସମସ୍ୟା ହେଉଛି ରେଳ ଫାଟକ। ରେଳ ଫାଟକଠାରେ ତୁରନ୍ତ ଓଭରବ୍ରିଜ୍ ନିର୍ମାଣ କରିବା ପାଇଁ ଦୀର୍ଘବର୍ଷ ଧରି ଜନସାଧାରଣ ଦାବି କରିଆସୁଛନ୍ତି। ଏପରିକି ରେଳ ମନ୍ତ୍ରୀ ସାକ୍ଷୀଗୋପାଳ ଆସିବା ସମୟରେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିଲା। ଏହି ଦାବିକୁ ଗ୍ରହଣ କରି କେନ୍ଦ୍ର ସରକାର ନିର୍ବାଚନ ଆଗରୁ ସାକ୍ଷୀଗୋପାଳଠାରେ ରେଳ ଓଭରବ୍ରିଜ ନିର୍ମାଣ କରିବା ପାଇଁ ଘୋଷଣା କରିବା ସହ ଅର୍ଥ ମଞ୍ଜୁର କରିଥିଲେ। ପ୍ରଧାନମନ୍ତ୍ରୀ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରେଳ ଓଭରବ୍ରିଜ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତେବେ ଏଠାରେ ରେଳ ଓଭରବ୍ରିଜ ନିର୍ମାଣ ନକରି ଅନ୍ୟତ୍ର କରାଯିବାକୁ ସାକ୍ଷୀଗୋପାଳ ବଡ଼ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ଜମି ଅଧିଗ୍ରହଣ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରାଯିବା ସହ ଡାକବାଜି ମାଧ୍ୟମରେ ପ୍ରଚାର କରାଯାଇଥିଲା। ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୧୨।୧୬ ଧାରା ଅନୁଯାୟୀ ରେଳ ଓଭରବ୍ରିଜ ପାଇଁ ଜମି ଅଧିଗ୍ରହଣରେ ଯାଉଥିବା ପ୍ଲଟ୍‌ଗୁଡିକ ମାପ କରାଯିବା ସହ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦିଆଯାଇଥାନ୍ତା। ମାତ୍ର ଆଜି ଅଧିକାରୀମାନେ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ଅଲ୍ଲବାଟ ଆସିବା ପରେ ସାକ୍ଷୀଗୋପାଳ ବଡ଼ ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ବିଧାୟକଙ୍କ ସହିତ ଆଲୋଚନା ପରେ ଯାହା କିଛି କରାଯିବ ବୋଲି ବ୍ୟବସାୟୀମାନେ ଜିଦ୍ ଧରି ବସିଥିଲେ। ଜିଲ୍ଲା ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା ଜିଲ୍ଲାପାଳଙ୍କ ସହିତ ଆଲେଚନା କରି ରବିବାର ପର୍ଯ୍ୟନ୍ତ ଏହି ମାପଚୁପ ବନ୍ଦ ରଖାଗଲା ବୋଲି ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କୁ କହିଥିଲେ। ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ଏହି ଜମି ଅଧିଗ୍ରହଣ ସର୍ଭେ ସମୟରେ ଆର୍‌ଏନ୍‌ବି ଏସ୍‌ଡିଓ ଅଶୋକ କୁମାର ବିଶ୍ୱାଳ, ଡେପୁଟି ଜିଲ୍ଲାପାଳ ନିରଞ୍ଜନ ବାରିକ, ସହକାରୀ ଜିଲ୍ଲାପାଳ ଆଶୁତୋଶ ଦେ ଓ ସତ୍ୟବାଦୀର ଭାରପ୍ରାପ୍ତ ତହସିଲଦାର ପ୍ରିୟଦର୍ଶୀ ରାଜେଶଙ୍କ ସହ ରାଜସ୍ୱ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ତୁରନ୍ତ ରେଳ ଓଭରବ୍ରିଜ ନିର୍ମାଣ ପାଇଁ ସତ୍ୟବାଦୀ ଜନସାଧାରଣ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଜିଲ୍ଲାରେ ୧୦ ଲକ୍ଷ କ୍ୱିଣ୍ଟାଲ ଛୁଇଁଲା ଧାନକିଣା

# ୫ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ

ନୟାଗଡ଼,୧୯।୨(ସମିସ):

ନୟାଗଡ଼ ଜିଲ୍ଲାରେ ଜାନୁଆରୀ ୮ ତାରିଖରେ ଧାନକିଣା ଶୁଭାରମ୍ଭ ହୋଇଥିଲା। ପ୍ରଥମେ ଧାନକିଣାକୁ ନେଇ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମିଲରଙ୍କ ଜିଦ୍ ପାଇଁ ଚାଷୀଙ୍କ ମନରେ ସାଂଘାତିକ ଅସନ୍ତୋଷ ଦେଖାଯାଇଥିଲା। ଯାହାକୁ ନେଇ ଧାନକିଣା ବିଳମ୍ବିତ ହୋଇଥିଲା। ଜାନୁଆରୀ ୨୫ ତାରିଖରୁ ଧାନକିଣା ସ୍ୱାଭାବିକ ସ୍ଥିତିକୁ ଫେରିଥିବାବେଳେ ୧୯ ତାରିଖ ସନ୍ଧ୍ୟା ସୁଦ୍ଧା ଜିଲ୍ଲାରେ ୧୦ ଲକ୍ଷ ୩୬ ହଜାର କ୍ୱିଣ୍ଟାଲ ଧାନ କିଣା ସରିଥିବା ଜିଲ୍ଲା ଯୋଗାଣ ଅଧିକାରୀ ବଜେନ୍ଦ୍ର କୁମାର ମହାନ୍ତି କହିଛନ୍ତି। ନୟାଗଡ଼ ଜିଲ୍ଲାରେ ୫୩ ହଜାର ୮୩୯ ଜଣ ଚାଷୀ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିବାବେଳେ ଏଥିପାଇଁ ୧୫୪ ପ୍ୟାକ୍ସ ଜରିଆରେ ୧୬୭ଟି ମଣ୍ଡି ବ୍ୟବସ୍ଥା କରାଯାଇଛି। ୧୫ ଜଣ ମିଲର ଧାନକିଣାରେ ସାମିଲ ହୋଇଛନ୍ତି। ନୟାଗଡ଼ ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪୮ ହଜାର ୧୬୮ କ୍ୱିଣ୍ଟାଲ ଧାନକିଣା ଟାର୍ଗେଟ ରହିଥିବାବେଳେ ଟାର୍ଗେଟ ଶେଷ ହେବା ପରିସ୍ଥିତି ଦେଖାଯାଇଛି। ଆଜି ସୁଦ୍ଧା ୨୯ ହଜାର ୩୪୮ ଜଣ ଚାଷୀ ଧାନ ବିକ୍ରି କରି ସାରିଥିବାବେଳେ ସେମାନଙ୍କ ମଧ୍ୟରୁ ୨୫ ହଜାର ୯୨୫ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଧାନ ବିକ୍ରି ମୂଲ୍ୟ ସହ ଇନପୁଟ ସହାୟତା ରାଶି ପହଞ୍ଚି ସାରିଥିବା ଦେଖାଯାଇଛି।

ଧାନକିଣା ଦ୍ରୁତ ଗତିରେ ଚାଲିଥିବାବେଳେ ନୟାଗଡ଼ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା ଦେଖାଯାଇଛି। ଯାହାକୁ ନେଇ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ୫ ଜଣ ମିଲରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ପ୍ରଥମେ ବଜରଙ୍ଗୀ ରାଇସ ମିଲ୍‌କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାବେଳେ ଆଜି ଓଡ଼ଗାଁ ବ୍ଲକ୍ ଘସାଦେଇପୁର ରାଜେଶ ଇଣ୍ଡଷ୍ଟ୍ରି, ରଙ୍ଗଣୀପାଟଣା ବାଗ୍‌ଦେବୀ ରାଇସ ମିଲ, ରୋହିବାଙ୍କ ମା' ମଙ୍ଗଳା ରାଇସ ମିଲ, ରୋହିବାଙ୍କ ମା' ଲକ୍ଷ୍ମୀ ରାଇସ ମିଲକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ପୂର୍ବରୁ ନୟାଗଡ଼ ଜିଲ୍ଲାର ୧୦ଟି ସମବାୟ ସମ୍ପାଦକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇସାରିଥିବା ସୂଚନା ମିଳିଛି। ଜଣେ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଛି।

ନୟାଗଡ଼ ଜିଲ୍ଲାରେ ଚଳିତବର୍ଷ ଧାନ କିଣା ୧୮ ଲକ୍ଷ କ୍ୱିଣ୍ଟାଲ ଛୁଇଁବାର ସମ୍ଭାବନା ରହିଛି। ରାଜ୍ୟ ସରକାର ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ପ୍ରଦାନ କରିଥିବା ଟାର୍ଗେଟ ବଢ଼ାଇବା ପାଇଁ ଦାବି ହେଉଛି। ଚାଷୀ ଇନପୁଟ ସହାୟତା ପାଇଁ ମଣ୍ଡିରେ ଟୋକନର ଶତ ପ୍ରତିଶତ ଧାନ ବିକ୍ରି କରୁଥିବା ଜଣାପଡ଼ିଛି। ଫଳରେ ଟାର୍ଗେଟ ବୃଦ୍ଧି କରିବା ନିହାତି ଆବଶ୍ୟକ ହୋଇଛି। ଫେବୃଆରୀ ମାସ ଶେଷ ସୁଦ୍ଧା ଧାନ କିଣା ୮୦ ପ୍ରତିଶତ ଶେଷ ହେବ ବୋଲି ଅନୁମାନ କରାଯାଉଛି। ନୟାଗଡ଼ ଜିଲ୍ଲାରେ ଧାନ କିଣାରେ ସାମିଲ ହୋଇଥିବା ୧୫ ଜଣ ମିଲରଙ୍କ ମଧ୍ୟରୁ ଅନେକଙ୍କ ମନମାନୀ ପାଇଁ ଚାଷୀ ନାକରେ କାନ୍ଦୁଥିବା ଦେଖାଯାଇଛି। ଅନେକ ସ୍ଥାନରେ ମିଲରମାନେ ସଠିକ ଭାବେ ଧାନ ଉଠାଉ ନ ଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେଉଛି।

## • ଗଣିଆ ପୁଲିସ ପକ୍ଷରୁ ନାହିଁ ପାଟ୍ରୋଲିଂ ବ୍ୟବସ୍ଥା

## ମାତିଛନ୍ତି ମୁଖାଧାରୀ ଲୁଟେରା; ଆତଙ୍କରେ ଅଞ୍ଚଳବାସୀ

ଗଣିଆ,୧୯।୨(ସମିସ): ଗଣିଆ ଥାନା ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗତ କିଛିଦିନ ଧରି ମୁଖାଧାରୀ ଲୁଟେରା ମାତିଥିବା ଜଣାପଡ଼ିଛି। ଲୁଟେରାମାନେ ରାତି ପ୍ରାୟ ୧୦ଟାରୁ ୩ଟା ମଧ୍ୟରେ ଅଞ୍ଚଳର ବିଭିନ୍ନ ଗ୍ରାମରୁ ପାଣି ମୋଟର ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟ୍ କରୁଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗତ ୧୫ ଦିନ ମଧ୍ୟରେ ଛାଡ଼ମୂଳ, ବେଣ୍ଟପଡ଼ା ମାଳିସାହି, ଈଶ୍ୱରପୁର, ବେଣ୍ଟପଡ଼ା ଆଦି ଗ୍ରାମରୁ ୧୦ରୁ ଉର୍ଦ୍ଧ୍ୱ ପାଣି ମୋଟର ଚୋରି କରିନେଇଛନ୍ତି। ସେହିପରି କୁମ୍ଭୀରଖଣି ଗ୍ରାମର ମାନଗୋବିନ୍ଦ ମହାନ୍ତିଙ୍କ ଘର ନିକଟସ୍ଥ ଗୁହାଳରୁ ୧୬ଟି ଛେଳି ଏହି ଲୁଟେରା ଚୋରି କରି ନେଇଛନ୍ତି।

ସେହିପରି ବିଭିନ୍ନ ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଓ ବୃତ୍ତଙ୍ଗ ଉଠା ଜଳସେଚନ ପାଇଁ ଲାଗିଥିବା ଟ୍ରାନ୍ସଫର୍ମରୁ ତମ୍ବା ତାର କଏଲ ଏହି ଲୁଟେରାମାନେ ଚୋରି କରୁଥିବା ମଧ୍ୟ ଜଣାପଡିଛି। ମହାନଦୀ କୂଳରେ ଥିବା ଅଞ୍ଚଳରେ ଏହି ଲୁଟେରା ରାତିରେ ମୁଖା ପିନ୍ଧି ବିଭିନ୍ନ ସ୍ଥାନରେ ଲୁଟ୍ କରିବା ପାଇଁ ବୁଲୁଥିବାବେଳେ କିଛି ସ୍ଥାନୀୟ ଲୋକ ଦେଖିଥିବା ପ୍ରକାଶ କରିଛନ୍ତି। ଛାମୁଣ୍ଡିଆଠାରୁ ଗଣିଆ ଥାନା ପ୍ରାୟ ୧୫ କିଲୋମିଟର ଦୂର। ଏହି ରାସ୍ତା ମଧ୍ୟରେ ମଣିଭଦ୍ରା ପାଦଦେଶର ଘଞ୍ଚ ଜଙ୍ଗଲ ପଡୁଥିବାବେଳେ ରାତ୍ରରେ ଜରୁରୀ କାର୍ଯ୍ୟରେ ଯାତାୟାତ ପାଇଁ ନିରାପଦ ମଣୁନାହାନ୍ତି ଲୋକେ। ଛାମୁଣ୍ଡିଆ ଅଞ୍ଚଳର ବିଭିନ୍ନ ଗ୍ରାମରେ ନିଯୁକ୍ତି ପାଇଥିବା ଗ୍ରାମରକ୍ଷୀ ପୂର୍ବପରି ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ପଇଁତରା ମାରୁ ନ ଥିବା ଦେଖାଯାଇଛି। ଛାମୁଣ୍ଡିଆ ଅଞ୍ଚଳରେ ପୁଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ■ +୨ କଳା ପରୀକ୍ଷା ଆରମ୍ଭ

# ପରୀକ୍ଷା ଦେଲେ ୪୩୩ ଛାତ୍ରଛାତ୍ରୀ



ଗଣିଆ/ଆଡ଼କଟା,୧୯।୨(ସମିସ): ଚଳିତ ବର୍ଷର +୨ (କଳା) ପରୀକ୍ଷା ବୁଧବାର ଗଣିଆ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ୪୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏଥିନିମିତ୍ତ ପରୀକ୍ଷା କେନ୍ଦ୍ରରେ ଗଣିଆ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷାର ପ୍ରଥମ ଦିନରେ ଏହି ୩ଟି କେନ୍ଦ୍ରରେ କୌଣସି ବିଶୃଙ୍ଖଳା ହୋଇ ନ ଥିବା ସୂଚନା ମିଳିଛି।

ଚଳିତ ବର୍ଷ +୨ କଳା ପରୀକ୍ଷା ଦେବା ପାଇଁ ୪୪୨ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ତେବେ ବୁଧବାର ପ୍ରଥମ ଦିନ ପରୀକ୍ଷାରେ ୯ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ସୂଚନା ମିଳିଛି। ଗଣିଆସ୍ଥ ଶ୍ରୀଶ୍ରୀ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ଡ. ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟ କେନ୍ଦ୍ରରେ ୧୦୦ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୯୩ ଜଣ ପରୀକ୍ଷା ଦେଇଛନ୍ତି। ବାକି ୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ସେହିଭଳି ବନମାଳୀ ବାରିକ ମହାବିଦ୍ୟାଳୟ, ଆଡ଼କଟା କେନ୍ଦ୍ରରେ ୧୨୭ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୨୬ ଜଣ ପରୀକ୍ଷା ଦେଇଛନ୍ତି। ଜଣେ ପରୀକ୍ଷାର୍ଥୀ ଅନୁପସ୍ଥିତ ଅଛନ୍ତି। ତେବେ ସମୁଦାୟ ଗଣିଆ ବ୍ଲକ୍‌ରେ ୩ଟି ମହାବିଦ୍ୟାଳୟରୁ ୪୪୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୪୩୩ ଜଣ ପରୀକ୍ଷା ଦେଇଛନ୍ତି। ବାକି ୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କଠାରୁ ସୂଚନା ମିଳିଛି। ଚଳିତବର୍ଷ ପରୀକ୍ଷା କେନ୍ଦ୍ରରେ ମହାବିଦ୍ୟାଳୟ ତରଫରୁ କପି ରୋକିବା ପାଇଁ ବହୁ ବନ୍ଦୋବସ୍ତ କରାଯାଇଥିଲା।

# ଜଳିଗଲା ୪ ଏକର ଜମିର ପାଳଗଦା

## ● ଦମକଳ ଚାଳକ ଅଭାବରୁ ନିଆଁ ନିୟନ୍ତ୍ରଣରେ ବିଳମ୍ବ



ଓଡ଼ଗାଁ,୧୯।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ରେଞ୍ଜର ଅଫିସ ସାମ୍ନା ଶ୍ରୀରାମନଗର ସାହିରେ ଗୋଟିଏ ବଡ଼ ପାଳଗଦାରେ ନିଆଁ ଲାଗିଯିବାରୁ ପାଳଗଦାଟି ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଚାଷୀ ନାରାୟଣ ସାହୁ ତାଙ୍କ ବାଡ଼ିରେ ୪ ଏକର ଜମିର ପାଳ ଜମା କରିଥିବାବେଳେ ଆଜି ଅପରାହ୍ନରେ ପାଳଗଦାର ଶୀର୍ଷରେ ରହି ଚୂଳି ମାରୁଥିବାବେଳେ ପାଳଗଦା ତଳୁ ହଠାତ୍ ନିଆଁ ଜଳି ଉଠିଥିଲା। ଏପରି ସ୍ଥଳେ ଅଗ୍ନିଶମ ସେବା କେନ୍ଦ୍ରକୁ ଯୋଗାଯୋଗ କରାଯାଇଥିଲା। ତେବେ ପ୍ରାୟ ଅଧଘଣ୍ଟାଏ ପରେ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ନିଆଁକୁ ଆୟତ୍ତ କରୁଥିବାବେଳେ ୨୦ ମିନିଟ୍ ବେଳକୁ ଟାଙ୍କିରୁ ପାଣି ସରିଯାଇଥିଲା। ଦମକଳ ସେବାକେନ୍ଦ୍ରରେ ଜରୁରିକାଳୀନ ସେବା ପ୍ରଦାନ ନିମନ୍ତେ କୌଣସି ଗାଡ଼ି ଚାଳକ ନ ଥିବାରୁ ଗାଡ଼ି ଚାଳନା ଜାଣିଥିବା ଜଣେ ଫାୟାରମ୍ୟାନ ଘଟଣାସ୍ଥଳରୁ ଏକ ବାଇକ୍ ଯୋଗେ ଯାଇ ଅନ୍ୟଏକ ଗାଡ଼ିରେ ପାଣି ପମ୍ପ ନେଇ ଆସିଥିଲେ। ଏହାକୁ ସଜାଡି ଚଳାଇବା ବେଳକୁ ୨୦ ମିନିଟରୁ ଅଧିକ ସମୟ ବିତିଗଲା। ମାତ୍ର ଚାଲିବାର ଦେଢ଼ ଘଣ୍ଟା ପରେ ପାଣି ପମ୍ପ ଖରାପ ହେବାରୁ ଅନ୍ୟ ଗୋଟିଏ ପାଣି ପମ୍ପ ମାଧ୍ୟମରେ ନିଆଁକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇଥିଲା। ପ୍ରାୟ ୩ ଘଣ୍ଟାର ସଂଘର୍ଷ ପରେ ନିଆଁ ଆୟତ୍ତ ହୋଇଥିଲା। ଦମକଳ କେନ୍ଦ୍ର ଜରୁରୀ ସେବା ପ୍ରଦାନ କରିବାକୁ ସର୍ବଦା ଜାଗ୍ରତ ରହିବା କଥା। ତେବେ କମ୍ ସଂଖ୍ୟକ କର୍ମଚାରୀ ଓ ଚାଳକ ନ ଥାଇ ଜରୁରୀ ସେବା ପ୍ରଦାନକାରୀ ସରକାରୀ ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କୁ ବ୍ୟଥିତ କରିଥିଲା। ଚତୁପାଶ୍ୱର୍ରେ ଥିବା ଘରଗୁଡ଼ିକରେ ଧୂଆଁ ପଶିଯିବାରୁ ପରିବାର ଲୋକେ ବର୍ତ୍ତମାନ ସୁଦ୍ଧା ଘର ବାହାରେ ରହିଛନ୍ତି। ଓଡ଼ଗାଁ ସହରର କେନ୍ଦ୍ରସ୍ଥଳରେ ଅଗ୍ନିକାଣ୍ଡ ଘଟିଥିବାବେଳେ ମାତ୍ର ୩ କିଲୋମିଟର ଦୂର ଦମକଳ କେନ୍ଦ୍ରରୁ ଦମକଳ ଗାଡ଼ି ବିଳମ୍ବରେ ଆସିବା ଯୋଗୁଁ ପାଳଗଦା ବୋଲି ଚଳିଗଲା। ଯଦି କୌଣସି ପରିବାର ରହୁଥିବା ଘରେ ନିଆଁ ଲାଗିଥା'ନ୍ତା, ତେବେ ତାକୁ କିପରି ନିୟନ୍ତ୍ରଣ କରାଯାଇଥା'ନ୍ତା; ତାହା ପ୍ରକାରାନ୍ତରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିଆଁ ଲାଗିବାର ସଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ନିକଟ ପଡ଼ିଆରେ ଖେଳୁଥିବା ପିଲାଙ୍କ ଦ୍ୱାରା ଏପରି ଘଟିଥାଇପାରେ ବୋଲି ସେ ଅନୁମାନ କରିଛନ୍ତି। ଅନ୍ୟପକ୍ଷରେ ଗୃହପାଳିତ ପ୍ରାଣୀଙ୍କ ନିମନ୍ତେ ଥିବା ଖାଦ୍ୟ ନଷ୍ଟ ହୋଇଯିବା ପରେ ସେମାନେ ବର୍ଷସାରା କ'ଣ ଖାଇବେ ସେ ନେଇ ଚିନ୍ତିତ ହୋଇପଡ଼ିଛନ୍ତି ଚାଷୀ ନାରାୟଣ।

## ଭାପୁରରେ ପରୀକ୍ଷାଦେଲେ ୫୭୯ ଛାତ୍ରଛାତ୍ରୀ

ଭାପୁର,୧୯।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ଥିବା ତିନୋଟି +୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ବାର୍ଷିକ ପରୀକ୍ଷାର ବୁଧବାର ପ୍ରଥମ ଦିନ ସାହିତ୍ୟରେ ୫୭୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୬ ଜଣ ଅନୁପସ୍ଥିତ ରହିଥିଲେ। ପଠାଣୀସାମନ୍ତ ମହାବିଦ୍ୟାଳୟରେ ୩୫୭ ଜଣ ପରୀକ୍ଷା ଦେଇଥିବାବେଳେ ୩ ଜଣ ଅନୁପସ୍ଥିତ ଥିଲେ। ସେହିପରି ଭାପୁର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୨ ଜଣ ଅନୁପସ୍ଥିତ ରହିଥିଲେ। ପଦ୍ମାବତୀ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ୧୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲାବେଳେ ଜଣେ ଅନୁପସ୍ଥିତ ରହିଥିଲେ। ଉପରୋକ୍ତ ତିନୋଟି କଲେଜର ପରୀକ୍ଷା ସୁପରିଚାଳନା ପାଇଁ ପରୀକ୍ଷା ପ୍ରଶ୍ନପତ୍ର ଓ ଉତ୍ତର ଖାତା ରକ୍ଷଣାବେକ୍ଷଣ ପାଇଁ ପଠାଣୀ ସାମନ୍ତ ମହାବିଦ୍ୟାଳୟକୁ ହବ୍ ସେଣ୍ଟର କରାଯାଇଛି।

## ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

ଓଡ଼ଗାଁ,୧୯।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ କରଡ଼ା ୟୁଜିଏମଇ ବିଦ୍ୟାଳୟର ଶିକ୍ଷୟିତ୍ରୀ ନର୍ମଦା ସାହୁ (୫୭)ଙ୍କ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଦ୍ୟାଳୟ ଓ ତାଙ୍କ ଗାଁ ନନ୍ଦିଘୋରରେ ଶୋକର ଛାୟା ଖେଳିଯାଇଛି। ନର୍ମଦା ହଠାତ୍ ଅସୁସ୍ଥ ହୋଇପଡିବାରୁ ସ୍ୱାମୀ ସୁକାନ୍ତ କୁମାର ସାହୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ତାଙ୍କର ଚିକିତ୍ସା କରାଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ନୟାଗଡ଼ ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ନଳିନୀ ସେଠୀ, ସୁଧାକର ଷଡଙ୍ଗୀ, ରାମକୃଷ୍ଣ ପରିଡା, ମାନସ ସ୍ୱାଇଁ, ସୁରେନ୍ଦ୍ର ପ୍ରଧାନ, ମନୋଜ ପଟ୍ଟନାୟକ, ଗଜେନ୍ଦ୍ର ମହାରଣା, ଭଗବାନ ପ୍ରଧାନ, ଶିକ୍ଷକ ସଂଘର କର୍ମକର୍ତ୍ତା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇଛନ୍ତି।

## ଆବେଦନ କରି ଚୁପ୍ ବସିଛି ଓର୍‌ମାସ

# ଛେନାପୋଡ଼କୁ ମିଳିଲାନି ଜିଆଇ ମାନ୍ୟତା

ନୟାଗଡ଼,୧୯।୨(ସମିସ): ଛେନପୋଡ଼ କଥା ଉଠିଲେ ଆପେ ଆପେ ମନକୁ ଚାଲି ଆସେ ନୟାଗଡ଼ କଥା। ନୟାଗଡ଼ର ପ୍ରସିଦ୍ଧ ମିଠା ଛେନାପୋଡ଼କୁ ନେଇ ସବୁଠି ଚର୍ଚ୍ଚା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନାପୋଡ଼ ପଛରେ ନୟାଗଡ଼ର ସ୍ୱତନ୍ତ୍ର ଭୂମିକା ରହିଛି। ନୟାଗଡ଼ ମାଟିର ସୁଯୋଗ୍ୟ ସନ୍ତାନ ସୁଦର୍ଶନ ସାହୁ ପ୍ରଥମେ ଛେନାପୋଡ଼ ପ୍ରସ୍ତୁତି କରିଥିଲେ। ଅପ୍ରେଲ ୧୧ ତାରିଖରେ ସୁଦର୍ଶନଙ୍କ ଜୟନ୍ତୀକୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି।



ଗତ ୨୦୨୩ ଅପ୍ରେଲ ୧୧ ତାରିଖରେ ଛେନାପୋଡ଼ ଦିବସ ପାଳନ ଅବସରରେ ଓର୍‌ମାସ ଅଧିକାରୀ ପ୍ରବୀଣ କୁମାର ଝା ସମସ୍ତ କାଗଜପତ୍ର ସହ ଛେନାପୋଡ଼କୁ ଜିଆଇ ମାନ୍ୟତା ପାଇଁ ଆବେଦନ କରିଥିବା ନେଇ ସୂଚନା ଦେଇଥିଲେ। ଏହାମଧ୍ୟରେ ଦୁଇବର୍ଷ ଅତିକ୍ରାନ୍ତ କରିସାରିଥିଲେ ସୁଦ୍ଧା ଛେନାପୋଡ଼କୁ ଜିଆଇ ମାନ୍ୟତା ମିଳିପାରି ନ ଥିବା ନୟାଗଡ଼ବାସୀଙ୍କୁ ବେଶ ଦୁଃଖ ଦେଇଛି। ନୟାଗଡ଼ ଛେନାପୋଡ଼ର ଆରମ୍ଭ ବେଶ ଆଲୋଚ୍ୟ ବିଷୟ। ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଅପ୍ରେଲ ୧୧ ତାରିଖରେ ଜନ୍ମଗ୍ରହଣ କରିଥିବା ସୁଦର୍ଶନ ନୟାଗଡ଼ କଚେରୀ ବଜାରରେ ଏକ ଜଳଖିଆ ଦୋକାନ କରିଥିଲେ। ଥରେ ବଳକା ଛେନାକୁ କ'ଣ କରିବେ ଭାବି ଏକ ନିଆରା ମିଠା ପ୍ରସ୍ତୁତ କରିବାକୁ ବସି ପଡ଼ିଥିଲେ। ଉକ୍ତ ନିଆରା ମିଠା ଆଜି ଛେନାପୋଡ଼ ଭାବେ ପରିଚୟ ଲାଭ କରିଛି।

ଓର୍‌ମାସ ପକ୍ଷରୁ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବା ନେଇ ଆବେଦନ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏଥିପ୍ରତି ଆନ୍ତରିକତାର ସହିତ ଉଦ୍ୟମ ହୋଇ ନ ଥିବା ଜଣାଯାଇଛି। ନୟାଗନ ଛେନାପୋଡ଼ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଉଥିବାବେଳେ ଏହା ଏକ କୁଟୀର ଶିଳ୍ପରେ ପରିଣତ ହୋଇସାରିଛି। ଛେନାପୋଡ଼ କେଜି ୧୦୦ରୁ ଆରମ୍ଭ କରି ୩ ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକରେ ପ୍ରତ୍ୟେକ ଦିନ ଶହ ଶହ କ୍ୱିଣ୍ଟାଲ ଛେନାପୋଡ଼ ବିକ୍ରି ହେଉଥିବାବେଳେ ଭାପୁର ବ୍ଲକ ଫତେଗଡ଼ଠାରେ ପ୍ରତ୍ୟେକ ଦିନ ଏକ ଟନ୍‌ରୁ ଅଧିକ ଛେନାପୋଡ଼ ବିକ୍ରି ନୟାଗଡ଼ ଓ ଏହାର ଆଖପାଖ ଗ୍ରାମ ତଥା ମାଛିପଡ଼ା, ସୋଲପଟା, ଇଟାମାଟି, ଖଣ୍ଡପଡା, ଭାପୁର ଆଦି ଅଞ୍ଚଳରେ ଛେନାପୋଡ଼ ପ୍ରସ୍ତୁତ କରାଯାଇ ଛୋଟ ଛୋଟ ଚଟକା ଡେକ୍‌ଚି ଓ ପାତ୍ରରେ ପ୍ୟାକ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ରାଜ୍ୟ ବାହାରକୁ ପଠାଯାଇଥାଏ।

# ଅବହେଳିତ ପୁରାଣ ପ୍ରସିଦ୍ଧ ମା' ନାରାୟଣୀ ପୀଠ

ଭାପୁର,୧୯।୨(ସମିସ): ନୟାଗଡ଼ ଜିଲ୍ଲାର ଅନ୍ୟତମ ଶ୍ରେଷ୍ଠ ଶକ୍ତିପୀଠ ଭାବେ ମା' ନାରାୟଣୀ ପୀଠ ଜଣାଶୁଣା। ମାତ୍ର ଏହାର ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସେପରି ଗୁରୁତ୍ୱ ଦେଉ ନ ଥିବାରୁ ଏହା ଏବେ ଅଲୋଡା ହୋଇପଡିଛି। ଜିଲ୍ଲା ଓ ରାଜ୍ୟର ଯେତେ ଭକ୍ତ ନୀଳମାଧବ ଠାକୁରଙ୍କୁ ଦର୍ଶନ କରିବାକୁ ଆସିଥା'ନ୍ତି, ସେମାନେ ମା' ନାରାୟଣୀଙ୍କୁ ମଧ୍ୟ ଦର୍ଶନ କରିଥା'ନ୍ତି।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଥରଚକଡ଼ା ଗ୍ରାମ ନିକଟରେ ବିଜେ କରିଛନ୍ତି ମା' ନାରାୟଣୀ। ଭୁବନେଶ୍ୱର-ବଲାଙ୍ଗୀର ୪୮ ନମ୍ବର ରାଜ୍ୟ ରାଜପଥ ପାଶ୍ୱର୍ରେ ମା'ଙ୍କ ବିଜେସ୍ଥଳୀ। ଭୁବନେଶ୍ୱରରୁ ୭୫ କିମି ଦୂର ଓ ପ୍ରସିଦ୍ଧ କଣ୍ଟିଲୋ ନୀଳମାଧବ ମନ୍ଦିର ତିନି କିଲୋମିଟର ପୂର୍ବରୁ ଏହା ପଡ଼ିଥାଏ। ପୁରାଣ ପ୍ରସିଦ୍ଧ ଏହି ପୀଠ ପ୍ରତି ସରକାରୀ ସହାୟତା ପ୍ରାୟ ବହୁତ କମ୍। ରାଜ୍ୟ ସରକାର ନୀଳମାଧବ ମନ୍ଦିରର ଉନ୍ନତି ପାଇଁ ଏକ ଶହ କୋଟି ଟଙ୍କା ଭେଟି ଦେଇଥିବାବେଳେ ନାରାୟଣୀ ମନ୍ଦିର ପ୍ରତି ଅଣଦେଖା କରିଥିବା ଅଭିଯୋଗ ହୋଇଛି। ମା'ଙ୍କ ମନ୍ଦିର ପରିସରରେ ପଶ୍ଚିମ ମୁଖା ମହାଦେବ ରହିଥିବାବେଳେ ମନ୍ଦିର ସମ୍ମୁଖରେ ରହିଛି ଅଲୌକିକ ପୁଷ୍କରିଣୀ। ଏହି ପୁଷ୍କରିଣୀର ପାଣି ମା'ଙ୍କ ପୂଜାର୍ଚ୍ଚନାରେ ବ୍ୟବହାର ହୋଇଥିବାବେଳେ ପର୍ଯ୍ୟଟକଙ୍କ ଭୋଜିଭାତ ପାଇଁ ମଧ୍ୟ ବ୍ୟବହାର ହୋଇଥାଏ। ମାତ୍ର ଏହାର ଜଳକୁ କୌଣସି ଗାଇଗୋରୁ ସ୍ପର୍ଶ କରି ନ ଥା'ନ୍ତି। ଡହଡହ ଖରାବେଳେ ଚରୁଥିବା ଗୋରୁଙ୍କୁ ଯେତେ ଶୋଷ ହେଲେ ବି ସେମାନେ ଏହି ପୁଷ୍କରିଣୀ ଜଳକୁ ଆଦୌ ପିଇ ନ ଥା'ନ୍ତି। ଲୋକ କଥାରୁ ଜଣାଯାଏ ଯେ ପୁରାଣ ବର୍ଣ୍ଣିତ ଗୋଶିଙ୍ଗ ଦୈତ୍ୟ ମା'ଙ୍କ ପରମଭକ୍ତ ଥିଲା ଓ ମନ୍ଦିର ନିକଟ ଏବେକାର ପୁଷ୍କରିଣୀ ତାହାର ଯଜ୍ଞ କୁଣ୍ଡ ଥିଲା। ଏହି ଯଜ୍ଞ କୁଣ୍ଡରେ ସେ ଶହ ଶହ ଗୋରୁ ବଳୀ ଦେଉଥିବାରୁ ଏବେ ଏହି ପୁଷ୍କରିଣୀ ଜଳକୁ ଗୋରୁ ସ୍ପର୍ଶ କରୁ ନ ଥିବା କୁହାଯାଉଛି। ଏହା ଏବେ କେତେକାଂଶରେ ପ୍ରମାଣିତ ହୋଇଛି। ଅଲୌକିକ ତଥା ପୌରାଣିକ କିମ୍ବଦନ୍ତୀ ସମ୍ପନ୍ନ ଶକ୍ତିପୀଠର ଉନ୍ନତି ପାଇଁ ସରକାରୀ ସ୍ତରରେ ସେଭଳି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏବେ ମନ୍ଦିର ଓ ନିକଟସ୍ଥ ପୋଖରୀ ଚତୁପାଶ୍ୱର୍ ଅନାବନା ଗଛ, ଲଟିଲୁଟା ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି ଓ ପୋଖରୀର ପାଣି ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ଏଠାକୁ ଆସୁଥିବା ଭକ୍ତ ଏଠାକାର ପରିବେଶ ଦେଖି ଅସନ୍ତୁଷ୍ଟ ହୋଇ ଫେରୁଛନ୍ତି। ଏହି ଶକ୍ତିପୀଠ ପ୍ରତି ରାଜ୍ୟ ସରକାରଙ୍କ ନଜର ପଡିଲେ ଏହାର ଭାଗ୍ୟ ବଦଳିଯା'ନ୍ତା ବୋଲି ସ୍ଥାନୀୟ ଜନସାଧାରଣ କହୁଛନ୍ତି।



# ଦୁଇ ଛାତ୍ରଙ୍କୁ ଦୁଇଜଣ ଶିକ୍ଷକ

ରଣପୁର,୧୯।୨(ସମିସ): ଶିକ୍ଷା ବିଭାଗର ଅଜବ ନୀତି। କେଉଁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅତ୍ୟଧିକ ଶିକ୍ଷକ ଅଭାବ ତ କେଉଁ ବିଦ୍ୟାଳୟରେ ଦୁଇଜଣ ଛାତ୍ରଙ୍କୁ ଦୁଇଜଣ ଶିକ୍ଷକ। ଏମିତି ଘଟଣା ଦେଖିବାକୁ ମିଳିଛି ରଣପୁର ବ୍ଲକ୍ ଶିକ୍ଷାମଣ୍ଡଳ ଅଧୀନ ଖଇର ପଲ୍ଲୀ ପଞ୍ଚାୟତର ସାନକିଲୋ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ। ସରକାରଙ୍କ ନିୟମ ଅନୁସାରେ ଯେଉଁ ବିଦ୍ୟାଳୟରେ ୨୫ ଜଣ ଛାତ୍ରଛାତ୍ରୀରୁ କମ୍ ଥିବେ, ସେ ବିଦ୍ୟାଳୟରେ ପଢୁଥିବା ପିଲାଙ୍କୁ ନିକଟସ୍ଥ ବିଦ୍ୟାଳୟରେ ପାଠ ପଢିବାକୁ ସୁଯୋଗ ଦିଆଯାଇଥାଏ। ଶିକ୍ଷକମାନେ ସେହିପରି ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଥାଏ। କିନ୍ତୁ ସାନକିଲୋ ପ୍ରାଥମିକ ପ୍ରକଳ୍ପ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ କିଛି ବର୍ଷ ହେବ ବିଦ୍ୟାଳୟରେ ରହି ଦରମା ନେଇଚାଲିଛନ୍ତି। ୨୦୦୪ର ଏହି ବିଦ୍ୟାଳୟଟି ପଞ୍ଚମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ମାତ୍ର ଦୁଇଜଣ ଛାତ୍ରଙ୍କ ନାମଲେଖା ହୋଇଛି। ସେ ପୁଣି ଅନ୍ୟ ବିଦ୍ୟାଳୟରେ ପଢୁଛନ୍ତି। ବିଦ୍ୟାଳୟକୁ ସ୍ଥାନାନ୍ତର କରି ସେଠାରେ ନିଯୁକ୍ତ ଥିବା ଦୁଇ ଶିକ୍ଷକଙ୍କୁ ଯେଉଁ ବିଦ୍ୟାଳୟରେ ଶିକ୍ଷକ ମରୁଡି ରହିଛି ସେହି ବିଦ୍ୟାଳୟରେ ନିୟୋଜିତ କଲେ ଭଲ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହି ବିଦ୍ୟାଳୟ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ ନଜରରେ ଅଛି। କିନ୍ତୁ ସେହି ବିଦ୍ୟାଳୟକୁ ବନ୍ଦ କରିହେବ ନାହିଁ। ଚେଷ୍ଟା କରୁଛି ଆମ ଉପର ଅଧିକାରୀଙ୍କୁ ପଚାରି ଶିକ୍ଷକଙ୍କୁ ଅଦଳବଦଳ କରିବୁ ବୋଲି ପ୍ରକାଶ କରିଛନ୍ତି।

## ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି ଶିବିର

# ୪୪ ହଜାର ମହିଳା ଶ୍ରମ ଦିବସ ସୃଷ୍ଟି

ନୟାଗଡ଼,୧୯।୨(ସମିସ):

ନୟାଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ମନରେଗା ଓ ପଞ୍ଚଦଶ ଅର୍ଥ କମିଶନ ସମ୍ପର୍କିତ ଜନଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ମନରେଗା ଜନଶୁଣାଣି ଶିବିରରେ ଡେପୁଟି କଲେକ୍ଟର ମନୀଷା ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ ବ୍ଲକ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ, ଉପାଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ରାଜେଶ କେଶରୀ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ସରୋଜ କୁମାର ରଣସିଂହ, କ୍ଷୀରୋଦ କୁମାର ମହାପାତ୍ର, ଅମ୍ବୁଡ୍ସମ୍ୟାନ ଗିରୀଶ ଚନ୍ଦ୍ର ଦାସ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆରସିଂ, ଏପିଓ ମିଟନ କୁମାର ମହାପାତ୍ର, ସହକାରୀ ଯନ୍ତ୍ରୀ ଚନ୍ଦ୍ର ଶେଖର ସାମନ୍ତରାୟ ଓ ନୟାଗଡ଼ ବ୍ଲକ ସାମାଜିକ ସମୀକ୍ଷକ ପ୍ରକାଶ ଚନ୍ଦ୍ର ବଳିଆରସିଂ ପ୍ରମୁଖ ଯୋଗ ଦେଇଥିଲେ। ନିକଟରେ ଶେଷ ହୋଇଥିବା ସାମାଜିକ ସମୀକ୍ଷାରେ ମନରେଗା ପାଇଁ ୧୧୫ଟି ତ୍ରୁଟି ଦର୍ଶାଯାଇଥିଲା। ଯେଉଁଥିରେ ଆର୍ଥିକ ବିଚ୍ୟୁତି ବାବଦ ୧୨ଟି, ଆର୍ଥିକ ଅନିୟମିତତା ବାବଦ ୮ଟି, ପ୍ରକ୍ରିୟା ଉଲ୍ଲଂଘନ ବାବଦ ୮୪ଟି ଓ ଅଭିଯୋଗ ବାବଦ ୧୧ଟି ସମସ୍ୟା ଉପରେ ଜନଶୁଣାଣି କରାଯାଇଥିଲା।

ଏଥିସହ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ସମ୍ପର୍କିତ ୫୦ଟି ତ୍ରୁଟି ସଭାରେ ଉପସ୍ଥାପନ କରାଯାଇଥିଲା।



ଏତଦ୍‌ମଧ୍ୟରୁ ଆର୍ଥିକ ଅନିୟମିତତା ୧୧, ନଥିପତ୍ର ପରିଚାଳନା ଉଲ୍ଲଂଘନ ୩୦, ପ୍ରକ୍ରିୟା ଉଲ୍ଲଂଘନ ୯ଟି ଓ ବର୍ତ୍ତମାନ ସୁଦ୍ଧା ଉକ୍ତ ଆର୍ଥିକ ବର୍ଷରେ ମନରେଗା ସ୍ଥିତି ସମ୍ପର୍କରେ ଶିବିରରେ ଉପସ୍ଥାପନ କରାଯାଇଥିଲା। ଉକ୍ତ ଆର୍ଥିକ ବର୍ଷରେ ୧ ଲକ୍ଷ ୮ ହଜାର ୨୮୨ଟି ଶ୍ରମ ଦିବସ ସୃଷ୍ଟି କରାଯାଇଥିବା ସୂଚନା ଦିଆଯାଇଥିଲା। ସେଥିମଧ୍ୟରୁ ୪୪ ହଜାର ୬୬୬ ଶ୍ରମ ଦିବସ ମହିଳାଙ୍କ ଦ୍ୱାରା ସୃଷ୍ଟି କରାଯାଇଛି। ୧୪ଟି ପରିବାର ୧୦୦ ଦିନର କାର୍ଯ୍ୟ ଏଯାବତ ସମ୍ପୂର୍ଣ୍ଣ କରିଛନ୍ତି। ଏଯାବତ ମୋଟ ୬୮୯.୪୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗତ ଜନଶୁଣାଣି ଶିବିରରେ ଉପସ୍ଥାପନ କରାଯାଇଥିବା ୮ଟି ଆର୍ଥିକ ଅନିୟମିତତା ମାମଲାରୁ ସମସ୍ତ ତ୍ରୁଟି ବାବଦରେ ମୋଟ ୧୩ ହଜାର ୬୩୦ ଟଙ୍କା ବିଭିନ୍ନ ଅଧିକାରୀଙ୍କଠାରୁ ଭରଣା କରାଯାଇଛି। ଉକ୍ତ ଜନଶୁଣାଣି ଶିବିରରେ ଆଲୋଚନା କରାଯାଇଥିବା ତ୍ରୁଟିଗୁଡିକ ସମ୍ପର୍କରେ ଆଗାମୀ ୭ ଦିନ ମଧ୍ୟରେ କାର୍ଯ୍ୟକ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇବା ପାଇଁ ଶିବିରର ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ମନରେଗା ଓ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ମତ ରଖିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତ କର୍ମଚାରୀ ସାମାଜିକ ସମୀକ୍ଷା ସମୟରେ ନିଜ ମଧ୍ୟରେ ଉତ୍ତମ ବୁଝାମଣା ନେଇ କାର୍ଯ୍ୟ କଲେ ଜନଶୁଣାଣି ସମୟରେ କୌଣସି ସମସ୍ୟା ଆସିବା ନାହିଁ ବୋଲି ସଭାକୁ ଅବଗତ କରିଥିଲେ। ଏଥିସହ କାର୍ଯ୍ୟ ସମୟରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ନିଜ ନିଜର ଦାୟିତ୍ୱ ଉପଲବ୍ଧ କରିବା ପାଇଁ ମତ ରଖିଥିଲେ। ଏ ଅବସରରେ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ଉଦ୍ୟାନ କୃଷି ବିଭାଗ, ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ସମସ୍ତ ଯନ୍ତ୍ରୀ, ସମସ୍ତ ପିଇଓ, ଏବିଇଓ, ଜିଆରଏସ, ଜନଶୁଣାଣି କମିଟିର ସଭ୍ୟ, ଶ୍ରମିକ ନେତା ଓ ବିଭିନ୍ନ ପଞ୍ଚାୟତ ଜବକାର୍ଡଧାରୀ ଉପସ୍ଥିତ ଥିଲେ।

## ବାଣପୁରରେ ପୁଣି ମାତିଲେ ଲୁଟେରା

# ତାଲା ଭାଙ୍ଗି ଲୁଟିନେଲେ ୮ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର

ବାଣପୁର,୧୯ ।୨(ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ବାଣପୁର ଥାନା ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ମାତିଛନ୍ତି। ଘରେ କଳାକନା ବୁଲେଇ ନଗଦ ଟଙ୍କା ସହ ସୁନାଅଳଙ୍କାର ଲୁଟି ନେଇଛନ୍ତି। କିଛି ଦିନ ପୂର୍ବେ ଲୁଟେରା ଗ୍ୟାଙ୍ଗ ବଡଶିରେଇପୁର ଗ୍ରାମରୁ ଲୁଟ୍ କରିଥିବା ବେଳେ ଗତ ୧୬ ତାରିଖରେ ରତନପୁର ଗ୍ରାମର ଈଶ୍ୱର ଚନ୍ଦ୍ର ବେହେରାଙ୍କ ଘରେ କେହି ନଥିବାରୁ ସୁଯୋଗ ନେଇ ଲୁଟେରାମାନେ ବଡ଼ଧରଣର ଲୁଟ୍‌ପାଟ କରିଥିବା ନେଇ ଅଭିଯୋଗ ହୋଇଛି। ପୁଣି ଥରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇ ଗୋଟିଏ ସପ୍ତାହରେ ବାଣପୁର ଥାନା ଅଞ୍ଚଳରୁ ଦୁଇ ଦୁଇଟା ଘରୁ ଲୁଟ୍ ଘଟଣାକୁ ନେଇ ଲୋକେ ଭୟଭୀତ ହୋଇପଡିଥିବା ବେଳେ ପୁଲିସ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅଭିଯୋଗ ମୁତାବକ, ଗତ ୧୬ ତାରିଖ ବିଳମ୍ବିତ ରାତିରେ ରତନପୁର ଗ୍ରାମର ଈଶ୍ୱର ବେହେରାଙ୍କ ଘରେ କେହି ନଥିବାରୁ ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ତାଙ୍କ ଘରେ ପଶିଥିଲେ। ଘରେ ରଖିଥିବା ନଗଦ ୮ ଲକ୍ଷ ଟଙ୍କା ସହ ବହୁ ସୁନା ଅଳଙ୍କାର ସମେତ ଲାପ୍‌ଟପ୍, କମ୍ପ୍ୟୁଟର, ଏଲ୍‌ଇଡି ଟିଭି ଆଦି ବହୁ ସାମଗ୍ରୀ ଲୁଟି ନେଇ ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ। ଏନେଇ ଈଶ୍ୱରଙ୍କ ବାପା ନିତ୍ୟାନନ୍ଦ ବେହେରା ବାଣପୁର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଗତ ୧୧ ତାରିଖ ସକାଳେ ବଡ଼ଶିରେଇପୁର ଗ୍ରାମର ଚନ୍ଦ୍ରନାଥ ସେଠୀଙ୍କ ପରିବାର ଲୋକେ ମନ୍ଦିରକୁ ପୂଜା ପାଇଁ ଯାଇଥିବା ବେଳେ ସାନ ପୁଅ ତ୍ରିଲୋଚନ (୧୮) ଏକାକି ଘରେ ଥିଲେ। ତ୍ରିଲୋଚନ ଗାଧୋଇବାକୁ ଯାଇଥିବା ସମୟରେ କେହି ଦୁର୍ବୃତ୍ତ ତାଙ୍କ ଘରେ ପଶି ଆଲମିରା, ସିନ୍ଦୂକ ଖୋଲି ନଗଦ ଟଙ୍କା ସହ ସୁନାଗହଣା ସବୁ ଲୁଟି ନେଇଥିଲେ। ମନ୍ଦିରରୁ ଫେରି ଚନ୍ଦ୍ରନାଥଙ୍କ ସ୍ତ୍ରୀ ସିନ୍ଦୂକ ଦେଖିଲା ବେଳକୁ ସମସ୍ତ ସୁନାଗହଣା ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇ ଏନେଇ ବାଣପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଏଯାବତ୍ ଉକ୍ତ ଲୁଟ୍ ଘଟଣାର ପୁଲିସ କୌଣସି ସୁରାକ ପାଇ ନଥିବା ବେଳେ ପୁଣି ଆଉ ଏକ ଲୁଟ୍ ଘଟଣା ଅଞ୍ଚଳବାସୀଙ୍କ ଚିନ୍ତାର କାରଣ ପାଲଟିଛି।

## ଦେଶୀମଦ ଜବତ; ୨ ଗିରଫ

ବେଗୁନିଆ,୧୯।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୪୮ ଲିଟର ଦେଶୀମଦ ଜବତ ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣୀପୁଟ ଗ୍ରାମର ଯୋଗୀ ଜେନା ଓ ସର୍ବେଶ୍ୱର ନାୟକଙ୍କଠାରୁ ମୋଟ ୪୮ ଲିଟର ଦେଶୀମଦ ଜବତ କରାଯାଇଥିଲା। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



● +୨ କଳା ଓ ବାଣିଜ୍ୟ ପରୀକ୍ଷା ଆରମ୍ଭ

## ପରୀକ୍ଷା ଦେଲେ ୧୬୫୪ ପରୀକ୍ଷାର୍ଥୀ

ବାଣପୁର, ୧୯ ।୨ (ସମିସ): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ସାରା ରାଜ୍ୟରେ ଯୁକ୍ତ ଦୁଇ ବିଜ୍ଞାନ ବିଭାଗର ବୋର୍ଡ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ବୁଧବାର ବାଣିଜ୍ୟ ଓ କଳା ବିଭାଗ ଛାତ୍ରଛାତ୍ରୀ ମାନଙ୍କର ମାତୃଭାଷା ପରୀକ୍ଷା ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ପାଇଁ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟକୁ ହବ୍ ସେଣ୍ଟର କରାଯାଇଛି। ଏହି ହବ୍ ସେଣ୍ଟର ଅଧୀନ ପରୀକ୍ଷା କେନ୍ଦ୍ରଗୁଡିକରେ ସମୁଦାୟ ୧୬୫୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏହି ହବ୍ ସେଣ୍ଟରରେ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇ ଥିବା ବେଳେ ପରୀକ୍ଷା ଦିନ ସକାଳୁ ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ ପତ୍ର ପଠାଇବା ପାଇଁ ସୁବନ୍ଦୋବସ୍ତ କରାଯାଉଛି। ବୁଧବାର ଅନୁଷ୍ଠିତ କଳା ଓ ବାଣିଜ୍ୟ ବିଭାଗର ମାତୃଭାଷା ପରୀକ୍ଷାରେ ହବ୍ ସେଣ୍ଟର ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୩୧୦ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ବାଣିଜ୍ୟରେ ମାତ୍ର ୭ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ସେହିପରି ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୩୬ ଜଣ, ଗମ୍ଭାରୀମୁଣ୍ଡାସ୍ଥିତ ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୨, ନାଚୁଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୭୨ ଜଣ, ବାଲୁଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୩୪୨ ଜଣ, କୁହୁଡି ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୪୩ ଜଣ, ଆଙ୍କୁଲାଚଟି ପିବିବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୩ ଜଣ ଛାତ୍ରଛାତ୍ରୀଙ୍କ ସହ ଭେଟେଶ୍ୱର ଭେଟିନାଥ ଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୯୯ ପରୀକ୍ଷାର୍ଥୀ ଯୁକ୍ତ ଦୁଇ କଳା ବିଭାଗରେ ପରୀକ୍ଷା ଦେଇଥିବା ସୂଚନା ମିଳିଛି। ତେବେ ଚଳିତ ବର୍ଷ ଯୁକ୍ତ ଦୁଇ କଳା ଓ ବାଣିଜ୍ୟ ବିଭାଗରେ ବୋର୍ଡ ପରୀକ୍ଷା ଦେବା ପାଇଁ ସମୁଦାୟ ୧୬୭୩ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ବୁଧବାର ପ୍ରଥମ ଦିବସରେ ମାତୃଭାଷା ଓଡ଼ିଆରେ ସମୁଦାୟ ୧୬୫୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୬ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ସୂଚନା ମିଳିଛି।

## କୁମାରବସ୍ତରେ ମାତିଛନ୍ତି ମାଫିଆ

# ଲୁଟ୍ ହେଉଛି ଶହ ଶହ ଟ୍ରିପ୍ ପଥର

ଖୋର୍ଦ୍ଧା,୧୯।୨(ସମିସ)



ଖୋର୍ଦ୍ଧାରେ ଲଘୁ, ଖଣିଜ ସମ୍ପଦ ଚୋରା ଚାଲାଣ ବଢ଼ି ଚାଲିଛି। ମାଫିଆମାନେ ଦୈନିକ ଶହ ଶହ ଟ୍ରକ୍‌ରେ ମାଙ୍କଡ଼ା ପଥର ଓ ମୋରମ ବେଧଡ଼କ ଭାବେ ଚାଲାଣ କରୁଛନ୍ତି। ବେଆଇନ ଭାବେ ମୋରମ ଓ ପଥର ଖନନ ଚାଲିଛି। ଏଠାରୁ ପଥର ଓ ମୋରମ ଖୋର୍ଦ୍ଧା, ଜଟଣୀ ଏବଂ ଭୁବନେଶ୍ୱର ତହସିଲର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ପ୍ରଶାସନର ବାରମ୍ବାର ଚଢ଼ଉ, ଜରିମାନା ଆଦାୟ ସତ୍ତ୍ୱେ ଏଥିରେ କୌଣସି ଫରକ ପଡୁନାହିଁ। ମାଫିଆମାନେ ପାୱାର ଟିଲର, ମେସିନ ସାହାଯ୍ୟରେ ଏକର ଏକର ଜମିରୁ ମାଙ୍କଡ଼ା କାଟି ନେଉଛନ୍ତି। ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର ପଡ଼ିଛି। ଏପରିକି ଏହି ଜମିଗୁଡ଼ିକରୁ ବ୍ୟାପକ ଭାବେ ମୋରମ, ମାଙ୍କଡା ପଥର ଚାଲଣ କରୁଥିବା ଦେଖାଯାଇଛି। ଏମିତିକି ଖେଳପଡ଼ିଆ ଓ ଶ୍ମଶାନ ନିକଟ ଜମିକୁ ବି ଛାଡୁନାହାନ୍ତି ମାଫିଆ।

ଘଟଣାରୁ ଜଣାଯାଇଛି, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁମାରବସ୍ତ ଅଞ୍ଚଳରେ ବେଆଇନ ଭାବେ ରାତିରେ ଚାଲୁଛି ପଥର ଖଣି। ଏଠାରେ ଆଖିବୁଜା ଖଣି ଲୁଟପାଟ କରୁଛନ୍ତି ମାଫିଆ। ଗ୍ରାମବାସୀ ଏନେଇ ସ୍ଥାନୀୟ ଥାନା ଓ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁନଥିବା କହିଛନ୍ତି। ଏପରିକି କିଛି ସ୍ଥାନୀୟ ପୁଲିସ ଓ କିଛି ଅସାଧୁ ରାଜସ୍ୱ କର୍ମଚାରୀଙ୍କ ଛତ୍ରଛାୟା ତଳେ ରହି ମାଫିଆମାନେ ବେଧଡ଼କ ପଥର ଲୁଟ୍ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଗାଁର ଚତୁଃପାଶ୍ୱର୍ ଏବେ ମାଫିଆମାନେ ଖଣି ଖୋଲିଦେଲେଣି। ଏମିତିକି ଗାଈଗୋରୁ ଚରିବାକୁ ଜମିଖଣ୍ଡେ ମଧ୍ୟ ନାହିଁ। ପ୍ରତି ରାତିରେ ବେଧଡ଼କ ଖଣି ଖନନ ସହିତ ଶହ ଶହ ଟ୍ରକ ଓ ଟ୍ରାକ୍ଟର ଯୋଗେ ମାଙ୍କଡା ପଥର ଚୋରା ଚାଲାଣ ହେଉଛି। ଏନେଇ ସ୍ଥାନୀୟ ଲୋକ ଖଣି ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଶାସନ ଓ ପୁଲିସ ନିକଟରେ ଅଭିଯୋଗ କଲେ ବି କିଛି ସୁଫଳ ମିଳୁନଥିବା କହିଛନ୍ତି। ଗ୍ରାମର ଦେବାଶିଷ ପାଟ୍ଟଶାଣୀଙ୍କ କହିବା କଥା ଗାଁ ପାଖରେ ଖଣି ଖୋଲି ଗଭୀର ଗାତମାନ କଲେଣି। ପୁଲିସ ଓ ରାଜସ୍ୱ ବିଭାଗ କର୍ମଚାରୀମାନେ ତାଙ୍କଠାରୁ ମାସିକିଆ ବଟି ନେଇ ଗାଡି ପାସ୍ କରିବାରେ ସହାୟକ ସାଜିଛନ୍ତି। ଆମେ ଅଭିଯୋଗ କଲେ ବି କିଛି ଫରକ ପଡୁନି। ପୋଖରୀ ଖୋଳିବା ନାଁ କହି ଖଣି କାଟି ବେଆଇନଭାବେ ପଥର ବିକ୍ରୀ କରୁଛନ୍ତି। ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିଙ୍କ ସ୍ୱାମୀ ସାଜିଛନ୍ତି କାର୍ପେଟଦାର। କିଛି ଲୋକଙ୍କୁ ନିୟୋଜିତ କରି ଗାଡି ଓ ମେସିନ ସାହାଯ୍ୟରେ ଖଣିଜ ସମ୍ପଦ ଲୁଟୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ବରିଷ୍ଠ ନାଗରିକ ରାମଚନ୍ଦ୍ର ପାଲଟାସିଂ କହିଛନ୍ତି ସରକାରୀ, ଅନାବାଦୀ, ଗୋଚର ଜମିକୁ ଖୋଳି ଖାଲ କରିଦେଲେଣି। ଖଣି କାଟିସାରିବା ପରେ ପାଖ ଜମିଗୁଡିକ ଉପରେ ମଧ୍ୟ ଦୃଷ୍ଟି ପକାଇଛନ୍ତି। ଅନ୍ୟଜଣେ ଗ୍ରାମବାସୀଙ୍କ କହିବା କଥା କୁମାରବସ୍ତ ମୌଜାର ଖେଳପଡିଆ ଓ ଶ୍ମଶାନ ନିକଟରେ ଥିବା ଖାତା ନଂ-୬୮୭, ପ୍ଲଟ ନଂ- ୨୮୩ରେ ଗୋଚର ରକ୍ଷିତ ଅନାବାଦୀ ଜମିକୁ ମାଫିଆମାନେ ପଥର କାଟିବାକୁ ବେଆଇନ ଭାବେ ମାଟି କାଟି ଉଦ୍ୟମ ଆରମ୍ଭ କରିଛନ୍ତି। କେତେକ ଗ୍ରାମବାସୀ ପ୍ରତିବାଦ କରିବାରେ ମାଫିଆମାନେ ମାରଣାସ୍ତ୍ର ଧରି ଗାଳି କରିବା ସହ ମିଥ୍ୟା ମାମଲାରେ ଫସାଇବାକୁ ଧମକ ଦେଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଖଣି ଅଧିକାରୀ ଜଗନ ବେହେରାଙ୍କ କହିବା କଥା ଖୋର୍ଦ୍ଧା ଉପକଣ୍ଠର ଫୁଲଛାଞ୍ଛୁଣୀରେ ଗୋଟିଏ ମାଙ୍କଡା ଖଣି ଲିଜ୍ ଯାଇଥିବାବେଳେ ଅନ୍ୟ କୌଣସି ଖଣିକୁ ଲିଜ ଦିଆଯାଇନାହିଁ। ବିଶେଷତଃ ଟାଙ୍ଗିଆପଡା ପଞ୍ଚାୟତ ଅଞ୍ଚଳରେ ଚାଲିଥିବା ବେଆଇନ ଖଣି ଉପରେ କଟକଣା ଲାଗୁ କରାଯାଇଛି। ଉକ୍ତ ଖଣିକୁ ଚୋରି କରୁଥିବା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

- କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର
- ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ
- ପୁଲିସ ଛତ୍ରଛାୟା ତଳେ ଚାଲିଛି ହରିଲୁଟ୍!

## ୩ ପଥର ବୋଝେଇ ଗାଡ଼ି ଜବତ

ନିରାକାରପୁର: ଖୋର୍ଦ୍ଧା ଜିଲ୍ଲା ଓଳସିଂହ ପଞ୍ଚାୟତ ଡମଣଭୂମି ଅଞ୍ଚଳରୁ ଗୋଟିଏ ପଥର ବୋଝେଇ ଟ୍ରକ୍ ଓ ରାସ୍ତାରୁ ଦୁଇଟି ପଥର ବୋଝେଇ ଟ୍ରାକ୍ଟରକୁ ଟାଙ୍ଗୀ ତହସିଲଦାର ମୀତାଲି ପାତ୍ର ଜବତ କରିଛନ୍ତି। ଛଣଗିରି ରାଜସ୍ୱ ନିରୀକ୍ଷକ ଅଧୀନସ୍ଥ ଓଳସିଂହ ଓ ଡମଣଭୂମି ଅଞ୍ଚଳରେ ଆଜି ଦିନ ପ୍ରାୟ ଗୋଟାଏ ବେଳେ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ଖବର ପାଇ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ବନମାଳୀ ସାହୁ ସଦଳବଳେ ଚଢ଼ଉ କରି ଦୁଇଟି ପଥର ବୋଝେଇ ଟ୍ରାକ୍ଟରକୁ ଓଳସିଂହ କଲେଜ ରୋଡ୍ ନିକଟରୁ ଜବତ କରିଥିଲେ। ଆଉ ଗୋଟିଏ ପଥର ବୋଝେଇ ଟ୍ରକ୍‌କୁ ଡମଣଭୂମି ଅଞ୍ଚଳର ଏକ ପଥର ଖଣିରୁ ଜବତ କରିଥିଲେ। ଗାଡି ଛାଡ଼ି ଚାଳକ ଓ ଅନ୍ୟ କର୍ମଚାରୀମାନେ ଫେରାର ହୋଇଯାଇଥିଲେ। ତହସିଲଦାର ଉକ୍ତ ଗାଡ଼ିଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରି ଜଙ୍କିଆ ଥାନା ଜିମା ଦେଇଥିବା ଜଣାପଡ଼ିଛି।



# ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ବାଲୁଗାଁ,୧୯ ।୨(ସମିସ): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଯୁକ୍ତ ତିନି ଶ୍ରେଣୀର ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୮୦ ଜଣ ଯୁକ୍ତ ତିନି ଛାତ୍ରୀ ସାମିଲ ହୋଇଥିଲେ। ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ କରାଟେ ଖେଳାଳି ଦୀପକ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଡକ୍ଟର ମୋନାଲିସା ମାନସିଂହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପକ ପ୍ରବୀଣ କୁମାର ଜେନା, କରାଟେ ଖେଳାଳି ପ୍ରତାପ କେଶରୀ ଜେନା ଓ ସଲୋନୀ ପାତ୍ର ଯୋଗ ଦେଇଥିଲେ। ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ରୀନା ରାଉତ ଓ ପ୍ରଶିକ୍ଷାର୍ଥୀ ନିଲମ ସାହୁ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏଥିରେ ଡକ୍ଟର ସନ୍ତୋଷ ରଥ, ପ୍ରଦୀପ ପାଢ଼ୀ, ଅଧ୍ୟାପିକା ସ୍ନିଗ୍ଧା ରାଣୀ ମୁଦୁଲି, ସୁନିତା ନନ୍ଦ, ରୋଜାଲିନ ମିଶ୍ର, ଶୁଭଦର୍ଶିନୀ ପରିଡ଼ା, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଖୋର୍ଦ୍ଧା,୧୯।୨(ସମିସ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବାଜପୁର ଯୁବକ ସଂଘ ପଡ଼ିଆରେ ବାଜପୁର ଯୁବକ ସଂଘ ଓ ବାଜପୁର ଭଲିବଲ୍ ଆସୋସିଏସନ, ୟୁନାଇଟେଡ ସ୍ପୋର୍ଟିଂ ସଦସ୍ୟଙ୍କ ମିଳିତ ପ୍ରଚେଷ୍ଟାରେ କ୍ରୀଡା ଶିକ୍ଷକ ସ୍ୱର୍ଗତଃ ଜନାବ୍ ହାଜି ଇଦ୍ ମହମ୍ମଦଙ୍କ ସ୍ମୃତିରେ ଦୁଇ ଦିନଧରି ଚାଲିଥିବା ଦ୍ୱିତୀୟ ରାଜ୍ୟ ଓ ଗ୍ରାମୀଣସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ରାଜ୍ୟସ୍ତରୀୟ ଭଲିବଲ ଖେଳ ପ୍ରତିଯୋଗିତାରେ କମିଶନରେଟ ପୁଲିସ୍, ନାଇଜର, ପୁରୀ ଓ ତାପଙ୍ଗ ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ତାପଙ୍ଗ ଭଲିବଲ ଦଳ ଚାମ୍ପିଅନ୍ ହେବା ସହିତ ପୁରୀ ଭଲିବଲ ଦଳ ରନର୍ସଅପ୍ ହୋଇଥିଲା। ଦ୍ୱିତୀୟ ଦିନରେ ଗ୍ରାମାଞ୍ଚଳସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ରମାବିଲି ଭଲିବଲ ଦଳ ଚାମ୍ପିଅନ୍ ଓ ବାଜପୁର ଭଲିବଲ ଦଳ ରନର୍ସଅପ୍ ହୋଇଥିଲା। ରେଫରି ଭାବେ ସୁବଳ ପଟ୍ଟନାୟକ, ଜଗନ୍ନାଥ ଦାସ, ରତ୍ନାକର ପ୍ରଧାନ, ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଭାସ୍କର ବଳିଆରସିଂହ କ୍ରୀଡା ପରିଚାଳନା କରିଥିଲେ। ଏହି ଅବସରରେ ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଖୋର୍ଦ୍ଧା ବ୍ଲକ ଅଧ୍ୟକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ବିଜେପି ନେତା ଶ୍ରୀରଞ୍ଜନ ମଙ୍ଗରାଜ, ସମାଜସେବୀ ସଞ୍ଜୟ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ କେଦାରେଶ୍ୱର ପୃଷ୍ଟି, ପ୍ରଫୁଲ୍ଲ ଦଳେଇ, ରାଧାବଲ୍ଲଭ ରାୟ, ଅକ୍ଷୟ ଦାଶ, ବେଣୁଧର ରାୟପିତମ୍ ଓ ଭାଗୀରଥି ମଙ୍ଗରାଜ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ମହମ୍ମଦ ଖୁଦୁସ, ଗୁଲାମ ମହମ୍ମଦ, ସିତେଶ ରାୟ, ଜୟଦେବ ମିଶ୍ର, ସୁଧାଂଶୁ ଷଡ଼ଙ୍ଗୀ, ପ୍ରଶାନ୍ତ ସାହୁ, ବିଭୁ ପ୍ରସାଦ ଦାସ, ଶୁଭକାନ୍ତ ପାଇକରାୟ, ବିଷ୍ଣୁ ପ୍ରସାଦ ପରିଡା ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।



● ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ମେଣ୍ଢାଶାଳର ଇଗଲ୍ ସ୍ପୋର୍ଟିଂ

ଖୋର୍ଦ୍ଧା,୧୯।୨(ସମିସ): ଖୋର୍ଦ୍ଧା ଉପକଣ୍ଠ କାଇପଦରଠାରେ ଚାଲିଥିବା ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜିର ମ୍ୟାଚ୍ ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର ଓ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାର ଦଳ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୨୫ ରନ୍ କରିଥିଲା। ଦଳ ପକ୍ଷରୁ ତୁଷାର ମୁଦୁଲି ୨୫ ବଲରୁ ୪୯ ରନ୍ କରିଥିଲେ। ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ଦଳର ସ୍ୱାଇଁ ସୂର୍ଯ୍ୟ ୪ ଓଭରରେ ୧୯ ରନ୍ ଦେଇ ୩ ୱିକେଟ ହାସଲ କରିଥିଲେ। ଜବାବରେ ଇଗଲ ସ୍ପୋର୍ଟିଂ ମେଣ୍ଢାଶାଳ ୧୧.୫ ଓଭରରେ ୩ ୱିକେଟ ହରାଇ ୧୨୯ ରନ୍ କରି ବିଜୟୀ ହୋଇଥିଲା। ଇଗଲ ସ୍ପୋର୍ଟିଂ, ମେଣ୍ଢାଶାଳ ଦଳର ସୁଜିତ ପରିଡ଼ା ୧୯ ବଲରୁ ୪୫ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଜାକୋବିନ କ୍ରିକେଟ କ୍ଲବ ଚୌଦ୍ୱାରକୁ ୬ ୱିକେଟରେ ହରାଇ ଇଗଲ ସ୍ପୋର୍ଟିଂ, ମେଣ୍ଢାଶାଳ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌କୁ ମୁନେନ୍ଦ୍ର ଚମ୍ପତିରାୟ ଓ ଝଜ କିଶୋର ସାମନ୍ତରାୟ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ସୌମ୍ୟରଞ୍ଜନ ପାଇକରାୟ ଓ ସନ୍ଦୀପ ଛୋଟରାୟ ଏବଂ ଭାଷ୍ୟକାର ଦାୟିତ୍ୱରେ ଆଦିତ୍ୟ ବଳିୟାରସିଂହ ରହିଥିଲେ। ଏହି ଅବସରରେ ସୁନିଲ କୁମାର ରାଉତରାୟ, ସନାଉଲ୍ଲା ମିଆଁ ଓ ସମାଜସେବୀ ଶୁଭ୍ରାଂଶୁ ଚମ୍ପତିରାୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।



# ରାସନ କାର୍ଡ କାଟିବା ନିଷ୍ପତ୍ତିର ପୁନର୍ବିଚାର ଦାବି

## ଭିଏଲଇ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଖୋର୍ଦ୍ଧା,୧୯।୨(ସମିସ)

ରାଜ୍ୟ ସରକାରଙ୍କ ରାସନ କାର୍ଡ କାଟିବା ଭଳି ଜନବିରୋଧୀ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଭିଏଲ୍‌ଇ ସଂଘ ଦାବି କରିଛି। ରାଜ୍ୟବ୍ୟାପୀ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଏବଂ ସମସ୍ତ ବ୍ଲକର ବିଡିଓଙ୍କୁ ଆଜି ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହିକ୍ରମରେ ଖୋର୍ଦ୍ଧାରେ ମଧ୍ୟ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ରାଜ୍ୟର ଅଗ୍ରଣୀ ସଂଗଠନ ଭିଏଲ୍‌ଇ ୟୁନିୟନ ଓଡ଼ିଶା ପକ୍ଷରୁ ରାଜ୍ୟ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତିକୁ ବିରୋଧ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ କରାଯାଇଛି। ସଂଗଠନର ରାଜ୍ୟ ସଭାପତି ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ନେତୃତ୍ୱରେ ଓ ରାଜ୍ୟ ସମ୍ପାଦକ ମନୋରଞ୍ଜନ ଦାସ, ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀଧର ମାର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭିଏଲଇ ସଦସ୍ୟମାନେ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ସାତଦିନ ମଧ୍ୟରେ ଏହି ନିଷ୍ପତ୍ତିର କୌଣସି ପୁନର୍ବିଚାର କରାନଗଲେ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ଏଥିରେ ଅରୁଣ ସିଂହ, ନାରାୟଣ ଛୋଟରାୟ, କଲ୍ୟାଣୀ ନାୟକ, ସମ୍ମୀମା ବେଗମ, ଗୀତାଞ୍ଜଳି ସାମନ୍ତରାୟ, ସୋମନାଥ ନାୟକ, ଅକ୍ଷୟ ରାଉତ, ନୀଳକଣ୍ଠ ସାମନ୍ତରାୟ, କାଇମୁଦ୍ଦିନ ଖାନ, ଚିତ୍ତରଞ୍ଜନ ମୁଦୁଲି, ରାମଚନ୍ଦ୍ର ଦଳାଇ ଓ ଜିତେନ୍ଦ୍ର ଭାଇ ପ୍ରମୁଖ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ/ସଦସ୍ୟାମାନେ ସାମିଲ ହୋଇଥିଲେ।

## ପୁରାତନ ଛାତ୍ରଙ୍କ ପକ୍ଷରୁ ଆଲୋଚନାଚକ୍ର



ନିରାକାରପୁର,୧୯।୨(ସମିସ): ସ୍ଥାନୀୟ ଛଣଗିରି ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ଏକ ବୈଠକ ଆଜି ସରପାରି ନିକଟସ୍ଥ ମଲାଗୁଣୀ ନଦୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ନିଜ ବିଦ୍ୟାଳୟକୁ କିପରି ସରସ ସୁନ୍ଦର କରି ଗଢ଼ି ତୋଳିବା ସହିତ ଉକ୍ତ ବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ରୂପରେଖ ଦେବା ପାଇଁ ପୁରାତନ ଛାତ୍ରମାନେ ଆଲୋଚନା କରିବା ସହ ଶପଥ ନେଇଥିଲେ। ବିଦ୍ୟାଳୟରେ ବିଭିନ୍ନ ସାମାଜିକ କାର୍ଯ୍ୟ ଆରମ୍ଭ କରିବା ସହ ଅସହାୟ ଛାତ୍ରଛାତ୍ରୀମାନଙ୍କୁ ସହଯୋଗ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମକୁ ନିତ୍ୟାନନ୍ଦ ମଙ୍ଗରାଜ, ତ୍ରିନାଥ ସେଠୀ, ଦେବେନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ। ନିତ୍ୟାନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

